## ସଂକ୍ଷେପରେ

### ପ୍ରାର୍ଥୀପତ୍ର ଦାଖଲ କଲେ ୧୮ ପ୍ରାର୍ଥୀ

**୨୭ରେ ଓମ୍ଫା ନିର୍ବାଚନ**

ପାରାଦୀପ,୧୧।୩(ସ୍ୱ.ପ୍ର.): ପାରାଦୀପର ଅନ୍ୟତମ ପୁରୁଣା ଓ ବୃହତ ସଂଘ ଓମ୍ଫା (ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ)କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୭ତାରିଖରେ ହେବ। ଏଥିପାଇଁ ଶୁକ୍ରବାର ସଂଘ ପରିସରରେ ୯ ଜଣିଆ କର୍ମକର୍ତ୍ତା ନିର୍ବାଚନ ପାଇଁ ୧୮ ସଦସ୍ୟ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୧୪ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର,୧୫ରେ ଚୂଡ଼ାନ୍ତ ତାଲିକା,୧୭ରେ ନିର୍ବାଚନ ଚିହ୍ନ ଓ ୨୭ ତାରିଖରେ ମତଦାନ ଓ ଫଳାଫଳ ଘୋଷଣା କରାଯିବ ବୋଲି ସଂଘର ନିର୍ବାଚନ କମିଟି ବିଜ୍ଞପ୍ତି ପ୍ରକାଶ ପାଇଛି। ସଭାପତି, ଉପସଭାପତି ଦୁଇଜଣ, ସାଧାରଣ ସମ୍ପାଦକ, ସାଙ୍ଗଠନିକ ସାଂସ୍କୃତିକ ଯୁଗ୍ମ ସମ୍ପାଦକ କୋଷାଧ୍ୟକ୍ଷ ପାଇଁ ଦୁଇଟି ପ୍ୟାନେଲ ହୋଇଛି। ଚଳିତ ନିର୍ବାଚନରେ ଦୀର୍ଘବର୍ଷ ଧରି ସଭାପତି ଥିବା ସୁମନ୍ତ ବିଶ୍ୱାଳ ଭାଗ ନେଇ ନାହାନ୍ତି। ଏହି ସମୟ ମଧ୍ୟରେ ଓମ୍ଫା ନିର୍ବାଚନ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି।

### ଡେରାବିଶରେ ଶେଷ ହେଲା ନାଏବ ସରପଞ୍ଚ ନିର୍ବାଚନ

ଡେରାବିଶ,୧୧।୩(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ୨୫ଟି ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଶେଷ ହୋଇଛି। ସେମାନେ ହେଲେ ବାଲିଆ ପଞ୍ଚାୟତର ନାଏବ ସରପଞ୍ଚ ପ୍ରତିମା ନାୟକ, ବାରିମୂଳରେ ତପସ୍ୱିନୀ ପ୍ରଧାନ, ବସୁପୁରରେ ପ୍ରକାଶ ଲେଙ୍କା, ବେଣୀପୁରରେ ଦେବଶ୍ରୀ ଘଡ଼େଇ, ଚାନ୍ଦୋଳରେ ନିର୍ମଳା ସେଠୀ, ଚାଟରାଚକଡ଼ାରେ ଜାବିର ଖାଁ, ଛୋଟିରେ କାର୍ତ୍ତିକ ଚନ୍ଦ୍ର ରାଉତ, ଦାନପୁରରେ ଯଦୁମଣି ଯେନା ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ଏଣ୍ଡରରେ ପୁଷ୍ପଲତା ବେହେରା, ଗୋଲରାହାଟରେ ଫରିଦା ବିବି, ଗୁଆଲସିଂରେ ତରାନା ପରବିନ୍, ହରିଅଙ୍କରେ ସର୍ବେଶ୍ୱର ସ୍ୱାଇଁ, ଇନ୍ଦାଲୋରେ ଅଜୟ ସାହୁ, ଯଅଁରାବାରିମୂଳରେ ସତ୍ୟଭାମା ନାୟକ, କାଉପଡ଼ାରେ ରେଖାଞ୍ଜଳି ଲେଙ୍କା, ଖମୋଳରେ ଦିବ୍ୟପ୍ରକାଶ ପ୍ରଧାନ, କୁରୁଜଙ୍ଗା ପଞ୍ଚାୟତରେ ଗଙ୍ଗାଧର ପୃଷ୍ଟି ନାଏବ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ସେହିପରି କୁଶିଆପାଳ ପଞ୍ଚାୟତରେ ମିନତି ନାୟକ, ଲକ୍ଷ୍ମୀନାରାୟଣପୁରରେ ମମତା ବେହେରା, ମଙ୍ଗଳପୁରରେ କୃତ୍ତିବାସ ପୃଷ୍ଟି, ମୁକୁନ୍ଦପୁରରେ ବିଚିତ୍ରାନନ୍ଦ ନାୟକ, ନହଙ୍ଗରେ ଦୋଳଗୋବିନ୍ଦ ମଲିକ, ପଲେଇରେ ଦୀପ୍ତିମୟୀ ସାମଲ, ରତାଦିଆଖଣ୍ଡସାରିରେ ମଞ୍ଜୁଶା ନାୟକ ଓ ରଘୁଦେଇପୁର ପଞ୍ଚାୟତରେ ଖଗେଶ୍ୱର କାଣ୍ଡି ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ବ୍ଲକ ପଞ୍ଚାୟତ ଅଧିକାରୀ ନନ୍ଦିନୀ ଶତପଥି ସୂଚନା ଦେଇଛନ୍ତି। ତେବେ ରତାଦିଆଖଣ୍ଡସାହି ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟଦାନ ଚାଲିଥିବା ବେଳେ ମୁଖ୍ୟ ଫାଟକରେ କେତେଜଣ ତାଲା ପକାଇବାରୁ ଜଣେ ୱାର୍ଡ଼ସଭ୍ୟ ବାହାରେ ଭୋଟ ଦେବାକୁ ଅପେକ୍ଷା କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। କେନ୍ଦ୍ରାପଡ଼ା ସଦର ଥାନା ପୋଲିସ୍ ସେଠାରେ ପହଞ୍ଚି ଗେଟ୍ର ତାଲାକୁ ଖୋଲିବା ପରେ ୱାର୍ଡ଼ ସଭ୍ୟ ଜଣକ ଭୋଟ ଦାନରେ ଭାଗ ନେଇଥିଲେ।

# କେନ୍ଦ୍ରାପଡ଼ା ପାଇଁ ଜଳ ହେବ ମହରଗ

କେନ୍ଦ୍ରାପଡ଼ା ଅଫିସ, ୧୧।୩


କାଣି ନଦୀ ଶୁଖିଲା ପଡିଛି।

- ଶୁଖିଲା ପଡିଲାଣି ମହାନଦୀ, ବ୍ରାହ୍ମଣୀ ସିଷ୍ଟମ
- ନଦୀ ଜଳ ପରିଚାଳନାକୁ ନେଇ ବୁଦ୍ଧିଜୀବୀଙ୍କ ଉଦ୍‌ବେଗ
- ଜାତୀୟ ଉଦ୍ୟାନକୁ ମିଳିବନି ମଧୁର ଜଳ

ମହାନଦୀ ପରେ ଏବେ ବ୍ରାହ୍ମଣୀରେ ଜଳ ସଙ୍କଟ ଦେଖାଦେଇଛି। ବୈତରଣୀ ନଦୀର ଜୋକଡିଆଠାରେ ଦ୍ୱିତୀୟ ବ୍ୟାରେଜ କାର୍ଯ୍ୟକାରୀ ପରେ ଏହି ଜଳସଙ୍କଟ କେନ୍ଦ୍ରାପଡ଼ା ଜିଲା ପାଇଁ ମହରଗ ହେବ। ଖରା ଆରମ୍ଭରୁ ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମରେ ଥିବା ନଦୀ ଶୁଖିଲା ପଡ଼ିବାରୁ ଜାତୀୟ ଉଦ୍ୟାନ ଭିତରକନିକାକୁ ଆବଶ୍ୟକ ମୁତାବକ ଜଳ ମିଳୁନାହିଁ। ଏହା ଆଗକୁ ଭୟଙ୍କର ହେବ। ନଦୀର ଉପରମୁଣ୍ଡରେ ହେଉଥିବା ପ୍ରକଳ୍ପ ଜିଲାବାସୀଙ୍କ ଚିନ୍ତା ବଢାଇଛି। କେନ୍ଦ୍ରାପଡ଼ା ଜିଲାରେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ୭ ନଦୀ ପ୍ରବାହିତ ହେଉଛି। ଏହାର ଜଳ ଦୈନନ୍ଦିନ ନିତ୍ୟକର୍ମ ସହ କୃଷି ପାଇଁ ବ୍ୟବହାର ହେଉଛି। ଏଥିସହିତ ଏହାର ମଧୁର ଜଳ ଜାତୀୟଉଦ୍ୟାନ ଭିତରକନିକାର ଜୈବ ବିବିଧତାକୁ ରକ୍ଷା କରୁଛି। ତେବେ ନଦୀ ପରିଚାଳନା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ଆଗାମୀ ୩ ଦଶନ୍ଧିରେ ଜଳସଙ୍କଟ ମହରଗରୁ ଯାଇ କାନ୍ତାରରେ ପରିଣତ ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଶିକ୍ଷାବିତ ଭୁବନମୋହନ ଜେନା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା, କ୍ଷିତୀଶ କୁମାର ସିଂହ, ଶ୍ରୀକାନ୍ତ ନାୟକ ପ୍ରମୁଖ ନଦୀ ଜଳ ପରିଚାଳନାକୁ ନେଇ ନିଜର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ଓଡ଼ିଶା ଓ ଛତିଶଗଡ଼ ସରକାର ମହାନଦୀର ଜଳ ପ୍ରବାହ ବିବାଦକୁ ତୁରନ୍ତ ସମାଧାନ କରିବା ଦରକାର। ତଳ ମୁଣ୍ଡରେ ଥିବା କେନ୍ଦ୍ରାପଡ଼ା ଜିଲା ଏଥିନେଇ ବହୁ ଭାବେ ପ୍ରଭାବିତ ହେଉଥିବା ବେଳେ ଆଗାମୀଦିନରେ ହେବାକୁ ଥିବା ଷ୍ଟିଲ ପ୍ଲାଣ୍ଟ ଓ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ଉପରେ ପ୍ରଭାବ ପଡିବ। ସେହିପରି ଯାଜପୁରଠାରେ ବ୍ୟାରେଜ ନିର୍ମାଣ ପରେ ଜାତୀୟ ଉଦ୍ୟାନ ଭିତରକନିକାକୁ ବୈତରଣୀ ନଦୀର ଜଳ ପ୍ରବାହ କମିବ। ବ୍ରାହ୍ମଣୀ ନଦୀ ଉପର ମୁଣ୍ଡରେ ରେଙ୍ଗାଲି ପ୍ରୋଜେକ୍ଟ ନିର୍ମାଣ ଚାଲିଛି। ଏହା ଚାଷ ପାଇଁ ବ୍ୟବହାର ହେବ। ସେହିପରି ଏହି ନଦୀ ଜଳ ଉପରେ କଳିଙ୍ଗ ନଗର ଶିଳ୍ପାଞ୍ଚଳ ନିର୍ଭର କରୁଛି। ଏହି ଶିଳ୍ପାଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଶିଳ୍ପ ପାଇଁ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ୧୨୦ କ୍ୟୁସେକ ପାଣି ଉତ୍ତୋଳନ ହେଉଛି। ପଙ୍କପାଳସ୍ଥିତ ବ୍ରାହ୍ମଣୀ ନଦୀ ମୁହାଣରେ ଇଡ୍‌କୋ ପକ୍ଷରୁ ଉଚ୍ଚ ଶକ୍ତି ସମ୍ପନ୍ନ ପମ୍ପ ହାଉସ ନିର୍ମାଣ କରାଯାଇଛି। ସେହିପରି ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତାରୁ ମାର୍ଥାପୁରଠାରେ ଶିଳ୍ପକୁ ପାଣି ଯୋଗାଣ ହେଉଛି। ଆଗାମୀଦିନରେ ମେସ୍କୋ, ମୈଥାନ ଆଦି ଶିଳ୍ପ ବ୍ରାହ୍ମଣୀ ନଦୀକୁ ଉପଯୋଗ କରିବେ। ଶିଳ୍ପ ପରି ରାଜ୍ୟ ସରକାର କୃଷି ଓ ପାନୀୟ ଜଳକୁ ଗୁରୁତ୍ୱ ଦେଉଛନ୍ତି। ସୁକିନ୍ଦା, ଦାନଗଦୀ ବ୍ଲକ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ଘୋଷଣା ହୋଇଥିବା ବେଳେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ବିଞ୍ଝାରପୁର, ଯାଜପୁର, କୋରେଇ ଓ ରସୁଲପୁର ବ୍ଲକ ଅଞ୍ଚଳର ୨୮୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ମଞ୍ଜୁରୀ ଦିଆଯାଇଛି। ଏଥିସହ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାରେ ଖରସ୍ରୋତା ନଦୀରୁ ଭଦ୍ରକର ୪ ବ୍ଲକ ଅଞ୍ଚଳ ପାଇଁ ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ନିକଟରେ ଆଳି, ରାଜନଗର, ରାଜକନିକା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୬୫ ପଞ୍ଚାୟତରେ ପିଇବା ପାଣି ଯୋଗାଇବାକୁ ଜଳ ଜୀବନ ମିଶନରେ ବ୍ୟୟ ବରାଦ ହୋଇଛି। ଏହାବ୍ୟତୀତ କୃଷି ପାଇଁ ଜିଲାରେ ପ୍ରବାହିତ ବହୁ ନଦୀରେ ପ୍ରକଳ୍ପ ଅଛି। ଜିଲାର ଭୂତଳ ଜଳ ଚିନ୍ତାଜନକ ସ୍ଥିତିରେ ଥିବା ବିଭିନ୍ନ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ୨୦୧୭ରେ ହୋଇଥିବା କେନ୍ଦ୍ର ଭୂତଳ ଜଳ ବୋର୍ଡ ଦ୍ୱାରା ହୋଇଥିବା ସର୍ଭେ ରିପୋର୍ଟ ଅନୁଯାୟୀ, ଆଗାମୀ ୩ ଦଶନ୍ଧିରେ ବ୍ରାହ୍ମଣୀରେ ଯେତିକି ଜଳ ପ୍ରବାହିତ ହେବ, ତାହାଠାରୁ ପ୍ରାୟ ୩ ହଜାର କ୍ୟୁବିକ ମିଟର ଅଧିକ ଜଳ ଆବଶ୍ୟକ କରିବ। ରାଜ୍ୟରେ ଉପଲବ୍ଧ ହେଉଥିବା ମୁଣ୍ଡପିଛା ହାରାହାରି ଜଳ ପରିମାଣ ଦ୍ରୁତ ବେଗରେ ହ୍ରାସ ପାଉଥିବା ବେଳେ ମହାନଦୀ, ବ୍ରାହ୍ମଣୀ ପରି ପ୍ରମୁଖ ନଦୀଗୁଡିକରେ ଯେଉଁ ଜଳାଭାବ ଦେଖାଦେବ, ସେଥିଯୋଗୁ ମୁଣ୍ଡ ପିଛା ଜଳ ଉପଲବ୍ଧତା ଆହୁରି ହ୍ରାସ ପାଇବ ବୋଲି ସେମାନେ ଆଶଙ୍କା କରିଛନ୍ତି।

### ଘଡ଼ିଆମାଳରେ ନାଏବ ସରପଞ୍ଚ ନିର୍ବାଚନ ହେଲାନି

ରାଜନଗର, ୧୧।୩ (ଡି.ଏନ.ଏ.)

ରାଜନଗର ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ୨୮ ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ଶେଷ ହୋଇଛି। ୨୮ ପଞ୍ଚାୟତରେ ସୁରୁଖୁରୁରେ ସରିଥିବା ବେଳେ ଘଡିଆମାଳ ପଞ୍ଚାୟତରେ କୋରମ ଅଭାବରୁ ନାଏକ ସରପଞ୍ଚ ନିର୍ବାଚନ ହୋଇପାରିନାହିଁ। ଘଡିଆମାଳ ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ଭୋଟ ପାଇଁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ପାଇଥିବା ପ୍ରବୋଧ କୁମାର ନାୟକ ପହଞ୍ଚି ଥିଲେ। ସରପଞ୍ଚ ଶୈଳେନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ପଞ୍ଚାୟତର ୧୧ଟି ୱାର୍ଡ ମଧ୍ୟରୁ ୨ଟି ୱାର୍ଡରେ ନିର୍ବାଚନ ହୋଇପାରିନାହିଁ। ଅନ୍ୟ ୯ଟି ୱାର୍ଡର ୱାର୍ଡ ସଭ୍ୟଙ୍କ ମଧ୍ୟରୁ ଠିକ୍ ସମୟରେ ୨ଜଣ ୱାର୍ଡସଭ୍ୟ ପହଞ୍ଚି ପାରି ନ ଥିଲେ। ଅନ୍ୟ ୭ଜଣ ୱାର୍ଡସଭ୍ୟ ପୂର୍ବାହ୍ନ ୧୧ଟା ପରେ ଆସିଥିଲେ। ଦିନ ୧୧ଟା ଭିତରେ କୋରମ ନିଆଯିବା କଥା। ୧୧ଟା ଭିତରେ ୱାର୍ଡସଭ୍ୟମାନେ ଆସି ନ ଥିବାରୁ ପ୍ରଥମେ ଆସିଥିବା ଦୁଇଜଣ ୱାର୍ଡସଭ୍ୟ କିପରି ନିର୍ବାଚନ ହେବ ବୋଲି ପ୍ରଶ୍ନ ଉଠାଇ ଥିଲେ। ନିର୍ବାଚନ ଅଧିକାରୀ ସେମାନଙ୍କ ଯୁକ୍ତିକୁ ଗ୍ରହଣ କରିଥିଲେ। ଫଳରେ ଏହି ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ହୋଇପାରିନାହିଁ। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡା ଜିଲା ପ୍ରଶାସନକୁ ଜଣାଇ ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ପରବର୍ତ୍ତୀ ତାରିଖରେ ଘଡିଆମାଳ ପଞ୍ଚାୟତର ନାଏବ ସରପଞ୍ଚ ନିର୍ବାଚନ ହେବ ବୋଲି ଜଣାପଡିଛି।

## ପ୍ରାର୍ଥୀପତ୍ର ନାକଚ ଦାବିରେ ଗ୍ରାମବାସୀଙ୍କ ଧାରଣା


ପଞ୍ଚାୟତ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା।

ଏରସମା,୧୧।୩(ସ୍ୱ.ପ୍ର.)

**ନାଏବ ସରପଞ୍ଚ ନିର୍ବାଚନକୁ ନେଇ ବିବାଦ**

ଏରସମା ବ୍ଲକ ଜିରାଇଲୋ ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନକୁ ନେଇ ବିବାଦ ସୃଷ୍ଟି ହୋଇଛି। ନାମାଙ୍କନ ପତ୍ର ନାକଚ ଦାବିରେ ଗ୍ରାମବାସୀ ଧାରଣା ଦେଇଥିଲେ। ନାଏବ ସରପଞ୍ଚ ନିର୍ବାଚନରେ ବିଜୟୀ ୱାର୍ଡସଭ୍ୟ ସିଦ୍ଧେଶ୍ୱର ଖଟୁଆ ଓ କ୍ଷୀରୋଦ ବୋଡିକିଆ ନାମାଙ୍କନପତ୍ର ଦାଖଲ କରିଥିଲେ। ମାତ୍ର ସିଦ୍ଧେଶ୍ୱର ଜାତିରେ ଏସ୍‌ସି ହୋଇଥିବାବେଳେ ନାମାଙ୍କନ ପତ୍ରରେ ଥିବା ଜାତିଗତ ଘୋଷଣା ନାମରେ ପଛୁଆବର୍ଗ ଉଲ୍ଲେଖ କରିଥିଲେ। ଏହାକୁ ୱାର୍ଡସଭ୍ୟ ଓ ଗ୍ରାମବାସୀ ବିରୋଧ କରିଥିଲେ। ସେହି ନାମାଙ୍କନପତ୍ରକୁ ନାକଚ ଦାବିରେ ଗ୍ରାମବାସୀ ପଞ୍ଚାୟତ ସମ୍ମୁଖରେ ଧାରଣାରେ ବସିଥିଲେ। ନାଏବ ସରପଞ୍ଚ ପଦବୀ ପାଇଁ ପରୋକ୍ଷ ନିର୍ବାଚନ ପ୍ରକ୍ରିୟାର ଅନୁଷ୍ଠିତ ହେଉଥିବାରୁ ଜାତିଗତ ପ୍ରମାଣ ପତ୍ର ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ବିଡିଓ କୈଳାସ ଚନ୍ଦ୍ର ବେହେରା ଲିଖିତ ପତ୍ର ପଠାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ନିର୍ବାଚନକୁ ନେଇ ଉତ୍ତେଜନା, ଭୋଟ ବନ୍ଦ

ଡେରାବିଶ,୧୧।୩(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ୨୬ଟି ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଚାଲିଥିଲା। ଏଥିରୁ ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତରେ ଉତ୍ତେଜନା ପ୍ରକାଶ ପାଇବାରୁ ଏଠାରେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ପଞ୍ଚାୟତର ନାଏବ ସରପଞ୍ଚ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦୁଇ ପ୍ରାର୍ଥୀଙ୍କ ପାଇଁ ଭୋଟରଙ୍କ ସଂଖ୍ୟା ସମାନ ହେବାରୁ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ଲଟେରୀ ମାଧ୍ୟମରେ ନିର୍ବାଚନ ଶେଷ କରିବାକୁ ପ୍ରସ୍ତାବ ଦେଇଥିଲେ। ମାତ୍ର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଉଭୟ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେବାରୁ ଏହି ପଞ୍ଚାୟତରେ ଭୋଟଦାନ ପ୍ରକ୍ରିୟା ବନ୍ଦ ରହିଥିବା ବ୍ଲକ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ବିଡିଓ ଗୋପବନ୍ଧୁ ଭୋସାଗର ସୂଚନା ଦେଇଛନ୍ତି। ନିର୍ବାଚନ କମିଶନଙ୍କ ଦ୍ୱାରା ନରସିଂହପୁର ପଞ୍ଚାୟତରେ ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ପରେ ଭୋଟ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ନିର୍ବାଚନକୁ ନେଇ ସଂଘର୍ଷ, ୪ ଆହତ

ଆଳି,୧୧।୩ (ଡି.ଏନ.ଏ.)

ଆଳି ଥାନା ଅନ୍ତର୍ଗତ କଳସପୁର ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ଶୁକ୍ରବାର ଚାଲିଥିବା ବେଳେ କାର୍ଯ୍ୟାଳୟ ବାହାରେ ଗୋଷ୍ଠୀ ସଂଘର୍ଷ ଘଟି ୪ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଦିଲୀପ ମଲିକ, ପ୍ରକାଶ ଜେନା, ବିକ୍ରମ ଜେନା, ପରମେଶ୍ୱର ମଲିକ। ସଂଘର୍ଷରେ ଦିଲୀପ ମଲିକ ଆହତ ହୋଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ନାଏବ ସରପଞ୍ଚ ନିର୍ବାଚନ ଚାଲିଥିବାରୁ ପଞ୍ଚାୟତ ଅଫିସ ବାହାରେ ସେ ଥିଲେ। ଏହି ସମୟରେ କଳସପୁର ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ରୁତୁକାନ୍ତ ନାୟକ ତାଙ୍କ ସହଯୋଗୀଙ୍କ ସହ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସେ ତଳେ ପଡିଯିବାରୁ ତାଙ୍କ ପକେଟରେ ଥିବା ୭୨ ହଜାର ଟଙ୍କା ଓ ତାଙ୍କ ମୋବାଇଲ ସେମାନେ ନେଇ ଯାଇଥିବା ଅଭିଯୋଗ କରିଛନ୍ତି। ସେହିପରି ଖବର ସଂଗ୍ରହ କରିବାକୁ ଯାଇଥିବା ଖବରଦାତା ପ୍ରକାଶଙ୍କୁ ମାଡ଼ ମରାଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଥାନାରେ ଆହତ ବିକ୍ରମ, ପରମେଶ୍ୱର ମଧ୍ୟ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ସଲିଲ ପ୍ରଧାନଙ୍କୁ ପଚାରିବାରେ ସଂଘର୍ଷକୁ ନେଇ ପୃଥକ୍ ଭାବେ ଅଭିଯୋଗ ମିଳିଛି। ଘଟଣାକୁ ଅନୁଧ୍ୟାନ କରାଯାଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।


ଆହତ ଦିଲୀପ ଓ ତାଙ୍କ ସମର୍ଥକ ଥାନାରେ ଅଭିଯୋଗ କରିବାକୁ ଆସିଛନ୍ତି।

### ସରିଲା ନାଏବ ସରପଞ୍ଚ ନିର୍ବାଚନ

ବାଲିକୁଦା, ୧୧।୩(ସ୍ୱ.ପ୍ର.)

ବାଲିକୁଦା ବ୍ଲକରେ ନାଏବ ସରପଞ୍ଚ ନିର୍ବଚନ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି। ଏହି ତାଲିକାରେ ରହିଛନ୍ତି, ଅରିଲୋ ପଞ୍ଚାୟତର ଯାଜ୍ଞସେନୀ ସ୍ୱାଇଁ, ଇଚ୍ଛାପୁରର ଶଶିକାନ୍ତ ପଣ୍ଡା, କାଳିଓର ଗୀତାଞ୍ଜଳି ନାୟକ, ନାଗପୁରର କାଳନ୍ଦୀ ଭୋଇ, ବାଲିକୁଦାର ଶାନ୍ତିଲତା ସେଠୀ, ବାହାରଣାର ସୁଜାତା ପରିଡ଼ା, ଅଳାଭରର କାମଦେବ କାଣ୍ଡି, ବୋରିକିନାର ଅଶୋକ ସେଠୀ, ବଡ଼ଗାଁର ନିରଞ୍ଜନ ଦାସ, ମାଛଗାଁର ଅସ୍କରୀ ବିବି, ମରିଚିପୁରର କୈଳାସ ସ୍ୱାଇଁ, ଖାଲଗାଁର ଶଙ୍କର ଫାରକ୍ ଓ କୃଷ୍ଣପୁରର ଶିବ ଚରଣ ବିଶ୍ୱାଳ। ସେହିପରି କୃଷ୍ଣଦାସପୁର ପଞ୍ଚାୟତର କଳ୍ପନା ତ୍ରିପାଠୀ, ଗରାମର ଲକ୍ଷ୍ମୀପ୍ରିୟା ଦାସ, ସଂଗ୍ରାମପୁରର ନାରାୟଣ ଜେନା, ଅଳାବୋଳର ସସ୍ମିତା ପ୍ରଧାନ, ତଣ୍ଡିକୁଳର ଲୋକନାଥ ମହାନ୍ତି, ମୁଲୁଗାଁର ଝରଣା ରାଉତ, ଥାଇଲୋର ଦିଲୀପ କୁମାର ସ୍ୱାଇଁ, ତିତିରା ପଞ୍ଚାୟତର କୈଳାସ ପ୍ରଧାନ, ରାହାଣର ନଳିନୀପ୍ରଭା ସ୍ୱାଇଁ, ଓଷକଣାର ଝୁଲଣା ପରିଡ଼ା, ଆମ୍ଭଶାଳର ବବିତା ମହାନ୍ତି, ତରାସାହି ପଞ୍ଚାୟତର ସୁପ୍ରିୟା ବିଶ୍ୱାଳ, ଅପଣ୍ଡରାର ଅଜୟ ମହାନ୍ତି, ନହରଣା ପଞ୍ଚାୟତର ମାଳତୀ ମଞ୍ଜରୀ ନାୟକ, ବରମୁଣ୍ଡଳୀ ସନ୍ତୋଷ ବିଶ୍ୱାଳ, ଅନନ୍ତପୁରର ସତ୍ୟାନନ୍ଦ ରାଉତ, ଅଡ଼ଙ୍ଗା ପଞ୍ଚାୟତର ଚାଇନା ଦାସ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି।

## ୟୁକ୍ରେନ୍‌ରୁ ଫେରିଲେ ପଟ୍ଟାମୁଣ୍ଡାଇର ଡାକ୍ତରୀ ଛାତ୍ର

ପଟ୍ଟାମୁଣ୍ଡାଇ, ୧୧।୩(ସ୍ୱ.ପ୍ର.)

ରୁଷ ଓ ୟୁକ୍ରେନ୍ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଛି। ଡାକ୍ତରୀ ଶିକ୍ଷା ଅର୍ଜନ ପାଇଁ ୟୁକ୍ରେନ୍ ଯାଇଥିବା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଞ୍ଚାୟତ ମିଞ୍ଜାଉଣୀ ଗାଁର ମନୋଜ କୁମାର ନାୟକ ଓ ଅମିତାଙ୍କ ପୁତ୍ର ସମ୍ବିତ ଶୁଭଙ୍କର ସୁରକ୍ଷିତ ଭାବେ ଘରକୁ ଫେରିଛନ୍ତି। ସମ୍ବିତ ଶୁଭଙ୍କଙ୍କୁ ତାଙ୍କ ଘରେ ଶୁକ୍ରବାର ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ କିଶୋର କୁମାର ସ୍ୱାଇଁ ଭେଟିଛନ୍ତି। ଏଥିସହ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ସୌଦାମିନୀ ସେଠୀ, ସ୍ମୃତିକାନ୍ତ ସାହୁ, ଶିକ୍ଷାବିତ୍ ରାକେଶ ସାହୁ, ଶକ୍ତିପ୍ରସାଦ ସ୍ୱାଇଁ ପ୍ରମୁଖ ସମ୍ବିତ ଶୁଭଙ୍କରଙ୍କୁ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଛନ୍ତି।

## ୨୮ ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ସରିଲା

ରାଜନଗର, ୧୧।୩ (ଡି.ଏନ.ଏ.)

ରାଜନଗର ବ୍ଲକ ୨୮ଟି ପଞ୍ଚାୟତରେ ସୁରୁଖୁରୁରେ ନାଏବ ସରପଞ୍ଚ ନିର୍ବାଚନ ଶେଷ ହୋଇଛି। ସେମାନେ ହେଲେ ବାଘମାରୀ ପଞ୍ଚାୟତ ବାସୁଦେବ ଗିରି, ରଙ୍ଗଣୀର ଶ୍ରୀରାମ ଦଳାଇ, କେରୁଆଁପାଳ ଅମ୍ବିକା ଖଟୁଆ, ତାଳଚୁଆ ଦୟାଳକୃଷ୍ଣ ଗିରି, ଡାଙ୍ଗମାଳ କାର୍ତ୍ତିକ ଚନ୍ଦ୍ର ବେହେରା, କୃଷ୍ଣନଗର କୁନି ଆଡି, ଖମାରସାହି ଚକ୍ରଧର ମଣ୍ଡଳ, ଈଶ୍ୱରପୁର ଅଭିରାମ ମୁଦୁଲି, କଣ୍ଡିରା ରାଧାକାନ୍ତ ମଣ୍ଡଳ, ଭିତରଗଡ ରଞ୍ଜିତ ରାଉତ, ଚାନ୍ଦିବାଉଁଶମୂଳ ମିନତି ପାତ୍ର, ମହୁଲିଆ ନୃସିଂହ ଚରଣ ଜେନା, କୁରୁଷ୍ଟି ବିଦ୍ୟାଧର ରାଉତ, ଗୁପ୍ତି ସର୍ବେଶ୍ୱର ବିଶ୍ୱାଳ। ସେହିପରି ସାତଭାୟା ପଞ୍ଚାୟତରୁ ସୂର୍ଯ୍ୟକାନ୍ତୀ ସାହୁ, ହାତିନା ସ୍ୱର୍ଣ୍ଣଲତା ଦାସ, ଡେରା ଜୟନ୍ତୀ ନାୟକ, ବ୍ରାହ୍ମଣସାହି ସହଦେବ ପରିଡା, ମହିଷାସୁର ସବିତା ରାଉତ, ରାଜନଗର ବାଇଧର ସେଠୀ, କୋଇଲିପୁର କବିତା ଜେନା, ସାନବଡଗୋପାଳପୁର ଭାରତୀ ପ୍ରଧାନ, ବନ୍ଧପଡା ପୂଜାଫଲ ରାଉତ, ଓସ୍ତିଆ ସର୍ବେଶ୍ୱର ବଳ, ବେଲପାଳ ନଳିନୀକାନ୍ତ କୁଣ୍ଡ, ରାଜପୁର ବିରଞ୍ଚି ନାରାୟଣ ସ୍ୱାଇଁ, କେରେଡାଗଡ ବନ୍ଦନା ଜେନା, ବାଲିସାହିପାଟଣା ପଞ୍ଚାୟତରୁ ଶୁଚିସ୍ମିତା ପରିଡା ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ପାଇଥିବା ପ୍ରବୋଧ କୁମାର ନାୟକ କହିଛନ୍ତି।


ରାଜନଗର ବ୍ଲକର ନିର୍ବାଚିତ ନାଏବ ସରପଞ୍ଚ।

# ଅଧ୍ୟକ୍ଷ ପଦ ପାଇଁ ଜୋରଦାର କସରତ

ଜଗତ୍‌ସିଂହପୁର ଅଫିସ, ୧୧।୩

**ଜଗତ୍‌ସିଂହପୁର ପୌର ନିର୍ବାଚନ**



- ଗତଥର ବିଜେଡିଠାରୁ କଂଗ୍ରେସ ସପକ୍ଷରେ ଯାଇଥିଲା ଅଧିକ ଭୋଟ
- ଏଥର ଭାଜପା ଦେଇପାରି ନ ଥିବା ୧୨ ୱାର୍ଡରେ ପ୍ରାର୍ଥୀ ଦେଇଛି
- ଏଥର ୨ ହଜାର ଭୋଟର ବଢ଼ିଛନ୍ତି

ଆଗାମୀ ପୌର ନିର୍ବାଚନ ନେଇ ପ୍ରକ୍ରିୟା ଜୋରଦାର ଚାଲିଛି। ଏଥିମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ, ଯାଞ୍ଚ ପରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇସାରିଛି। ଆସନ୍ତା ୧୪ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ହାତଗଣତି କେତୋଟି ୱାର୍ଡରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଉଦ୍ୟମ ହେଉଥିଲେ ସୁଦ୍ଧା ଅବଶିଷ୍ଟ ଚୂଡ଼ାନ୍ତ ହେବା ସମ୍ଭାବନା ରହିଛି। ଏହା ଭିତରେ ବିଭିନ୍ନ ୱାର୍ଡରେ ପ୍ରାର୍ଥୀମାନେ ଡୋର କ୍ୟାମ୍ପେନିଂ ଆରମ୍ଭ କରି ଦେଇଛନ୍ତି। ବିଶେଷକରି ଅଧ୍ୟକ୍ଷା ପଦ ହାତେଇବାକୁ ପ୍ରମୁଖ ରାଜନୈତିକ ଦଳ ଯଥା କଂଗ୍ରେସ, ବିଜେଡି ଓ ଭାଜପା ପକ୍ଷରୁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଯାଇଛି। ୨୦୧୩ ନିର୍ବାଚନରେ କଂଗ୍ରେସ ଓ ବିଜେଡି ମଧ୍ୟରେ ଲଢେଇ ହୋଇଥିଲା। ଶେଷରେ ପରିଷଦ କଂଗ୍ରେସ ଦଖଲକୁ ଯାଇଥିଲା। ଭାଜପା ସ୍ଥିତି ଅତି ଦୁର୍ବଳ ଥିଲା। ଏଥର ମଧ୍ୟ କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

ସମୀକ୍ଷକମାନଙ୍କ ଯୁକ୍ତି ହେଲା ଯେହେତୁ ଗତ ନିର୍ବାଚନରେ ପୌରାଧ୍ୟକ୍ଷ ପଦବୀ ପାଇଁ ପରୋକ୍ଷ ନିର୍ବାଚନ ଥିଲା ତେଣୁ ପାରିଷଦମାନଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେଉଥିଲା। ଏହି ଆଧାରରେ ଅଧିକାଂଶ କଂଗ୍ରେସ ପାରିଷଦ ପୌରାଧ୍ୟକ୍ଷ ବାଛିଥିଲେ। ଆଗାମୀ ନିର୍ବାଚନରେ ଅଧ୍ୟକ୍ଷ ପଦବୀ ପାଇଁ ସିଧାସଳଖ ନିର୍ବାଚନ ହେଉଛି। ଅର୍ଥାତ୍ ପୌରାଞ୍ଚଳର ଭୋଟରମାନେ ଅଧ୍ୟକ୍ଷା ପ୍ରାର୍ଥୀମାନଙ୍କ ମଧ୍ୟରୁ ଜଣଙ୍କୁ ଭୋଟ ଦେଇ ଜିତାଇବେ। ସେ ଦୃଷ୍ଟିରୁ କଂଗ୍ରେସ, ବିଜେଡି ଓ ଭାଜପା ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ରଣନୀତି ଆପଣାଯାଉଛି। ବଡ କଥା ହେଲା ଗତ ନିର୍ବାଚନ ଫଳାଫଳକୁ ନେଇ ବିଜେଡି ଅଙ୍କ କଷୁଛି। କାରଣ ଏହି ନିର୍ବାଚନରେ ବିଜେଡିଠାରୁ କଂଗ୍ରେସ ସପକ୍ଷରେ ଅଧିକ ୧ ହଜାର ଭୋଟ ଯାଇଥିଲା। ନିକଟରେ ପଞ୍ଚାୟତ ନିର୍ବାଚନ ସରିଥିବାବେଳେ ବିଜେଡିକୁ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରୁ ଆଶାଜନକ ସଫଳତା ମିଳିପାରିନାହିଁ। କାରଣ ପାଖାପାଖି ଅଧା ପଞ୍ଚାୟତରେ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀମାନେ ଜିତିଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ମଧ୍ୟ ଜଗତ୍‌ସିଂହପୁର ପୌରାଞ୍ଚଳରୁ କଂଗ୍ରେସ ସପକ୍ଷରେ ଆଶାଜନକ ଭୋଟ ଯାଇଥିଲା। ଅନ୍ୟପକ୍ଷେ ଗତଥର ଭାଜପା ପକ୍ଷରୁ ୧୨ଟି ୱାର୍ଡରେ ପ୍ରାର୍ଥୀ ଦିଆଯିବା ସମ୍ଭବ ହୋଇପାରି ନ ଥିଲା। ଏଥର କିନ୍ତୁ ଭାଜପା ସଙ୍ଗଠନରେ ଉନ୍ନତି ପରିଲକ୍ଷିତ ହୋଇଛି। ସମସ୍ତ ୱାର୍ଡରେ ପ୍ରାର୍ଥୀ ଦିଆଯାଇଛି। ଭାଜପା ସପକ୍ଷରେ ଯେଉଁ ଭୋଟ ଯିବ ତାହା ନିଶ୍ଚୟ ଗୁରୁତ୍ୱ ବହନ କରିବ। ତେଣୁ ପୌରାଧ୍ୟକ୍ଷ ପାଇଁ ବିଜେଡି ଓ କଂଗ୍ରେସ ମଧ୍ୟରେ ନିର୍ଣ୍ଣାୟକ ଲଢେଇ ହେବା ଆଶା କରାଯାଉଥିବା କୁହାଯାଉଛି।

ଜଗତ୍‌ସିଂହପୁର ପୌର ପରିଷଦ କହିଲେ, ୨୧ଟି ୱାର୍ଡକୁ ନେଇ ଗଠିତ। ଗତ ନିର୍ବାଚନ ସମୟରେ ଭୋଟର ସଂଖ୍ୟା ୨୩,୪୮୫ ଥିବାବେଳେ ୧୮,୯୩୬ ଜଣ ଅର୍ଥାତ୍ ୮୦.୬୩% ମତଦାନ କରିଥିଲେ। ଏଥର ୨,୦୩୨ ଭୋଟର ବଢିଛନ୍ତି। ଅର୍ଥାତ୍ ମୋଟ ଭୋଟର ଅଛନ୍ତି ୨୫,୫୧୭ ଜଣ। ସେମାନଙ୍କ ମଧ୍ୟରୁ ମହିଳା ୧୨,୪୭୪ ଓ ପୁରୁଷ ଭୋଟର ହେଉଛନ୍ତି ୧୩,୦୪୩ ଜଣ। ଏଥର ଅଧ୍ୟକ୍ଷ ପଦବୀଟି ସାଧାରଣ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। କଂଗ୍ରେସରୁ ଅର୍ଚ୍ଚନା ସିଂହ, ବିଜେଡି ରାଜଶ୍ରୀ ମହାପାତ୍ର, ଭାଜପା ଶ୍ରୀମତୀ ପଙ୍କଜିନୀ ଓ ବହୁଜନ ସମାଜବାଦୀ ପାର୍ଟିରୁ ଝିଲିନା ଦାସ ପ୍ରାର୍ଥୀ ହୋଇଛନ୍ତି। କିନ୍ତୁ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ୨୦୧୩ ନିର୍ବାଚନ ଫଳାଫଳକୁ ଅନୁଶୀଳନ କଲେ ଜଣାଯାଏ, କଂଗ୍ରେସ ଦଖଲକୁ ସର୍ବାଧିକ ୧୨ଟି ୱାର୍ଡ ଯାଇଥିଲା। ସେଗୁଡିକ ହେଲା ୨, ୪, ୫, ୭, ୯, ୧୦, ୧୨, ୧୪, ୧୫, ୧୬ ଓ ୧୭, ୧୯ ନଂ. ୱାର୍ଡ। ବିଜେଡି ସପକ୍ଷରେ ୱାର୍ଡ ସଂଖ୍ୟା ୧, ୩, ୬, ୮, ୧୧, ୧୩, ୧୮, ୨୦ ଓ ୨୧କୁ ମିଶାଇ ମୋଟ ୯ଟି ଥିଲା। କଂଗ୍ରେସ ସପକ୍ଷରେ ପୌରାଞ୍ଚଳର ୯,୮୫୦ ଭୋଟର ଭୋଟ ଦେଇଥିଲେ। ବିଜେଡିକୁ ୮,୮୭୫ ଓ ଭାଜପା ସପକ୍ଷରେ ମାତ୍ର ୧୪୦ ଖଣ୍ଡ ଭୋଟ ଯାଇଥିଲା। ଏହି ଅଙ୍କ ଦେଖିଲେ ଜଣାଯାଏ ବିଜେଡିଠାରୁ କଂଗ୍ରେସ ସପକ୍ଷରେ ପାଖାପାଖି ୧ ହଜାର ଅଧିକ ଭୋଟ ଯାଇଥିଲା। ସେତେବେଳେ ଭାଜପା କେବଳ ୨, ୫, ୭, ୯, ୧୦, ୧୨, ୧୩, ୧୪ ଓ ୨୦ ନଂ. ୱାର୍ଡରେ ପ୍ରାର୍ଥୀ ଦେଇଥିଲା। ଏଥର ସମସ୍ତ ୱାର୍ଡରେ ପ୍ରାର୍ଥୀ ଦେଇଥିବାରୁ ଏହି ଦଳ ସପକ୍ଷରେ ଯିବାକୁ ଥିବା ଭୋଟ କେଉଁ ଦଳକୁ ଅଧିକ କ୍ଷତିରେ ପହଞ୍ଚାଇବ ତାହା ସମୟ କହିବ।

**ସଂକ୍ଷେପରେ**

## ୩ ମହଲା ଛାତରୁ ପଡ଼ି ଯୁବକଙ୍କ ମୃତ୍ୟୁ



**ଯାଜପୁର ରୋଡ,୧୧।୩(ଡି.ଏନ.ଏ.):** ଯାଜପୁର ରୋଡ ଥାନା ଅନ୍ତର୍ଗତ ଗୋପବନ୍ଧୁ ଛକରେ ଥିବା ସାଇ କମ୍ପ୍ଲେକ୍ସରେ ଶୁକ୍ରବାର ଜଣେ ଯୁବକ ୩ ମହଲା ଛାତରୁ ପଡ଼ି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଭଦ୍ରକ ଜିଲା ଧାମନଗର ଅଞ୍ଚଳର ଦେବାଶିଷ ମହାନ୍ତି(୪୦)। ଦେବାଶିଷ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଜିନ୍ଦଲ ଷ୍ଟେନଲେସ ଷ୍ଟିଲର ଫେରୋ ଆଲୋଏଜ କାରଖାନାରେ ମ୍ୟାନେଜର ଭାବେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ଖବରପାଇ ପୋଲିସ ପହଞ୍ଚିବାବେଳକୁ ତାଙ୍କୁ ସ୍ଥାନୀୟ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତାଙ୍କର ଏକ ୫ ବର୍ଷର ଶିଶୁକନ୍ୟା ଅଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ଏବଂ ଆବଶ୍ୟକସ୍ଥଳେ ତାଙ୍କ ଫୋନ କଲ୍ ଟ୍ରାକିଙ୍ଗ୍ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ଥାନାରେ ନଂ.୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## କଟିକଟାରେ ୩ ଫୁଟ୍ ବ୍ରିଜ୍‌ର ଶିଳାନ୍ୟାସ

**ଝୁମ୍ପୁରି,୧୧।୩(ଡି.ଏନ୍.ଏ.):** ଯାଜପୁର ଜଳସମ୍ପଦ ବିଭାଗ ପକ୍ଷରୁ ଦଶରଥପୁର ବ୍ଲକ୍ ଅଧୀନ କଟିକଟା ପଞ୍ଚାୟତର ୱାନ ମେନ୍ କେନାଲ ଉପରେ ୩ଟି ଫୁଟ୍ ବ୍ରିଜ୍‌ର ଶିଳାନ୍ୟାସ କରାଯାଇଛି। ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ୪ ନମ୍ବର ଜୋନ୍‌ର ନବନିର୍ବାଚିତ ଜିଲା ପରିଷଦ ସଭ୍ୟ ପାର୍ଥସାରଥି ମହାପାତ୍ର, ସରପଞ୍ଚ କାଞ୍ଚନବାଳା ପରିଡ଼ା ଓ ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାୟ ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ୩ଟି ବ୍ରିଜ୍ କଟିକଟା ନାୟକ ସାହି ନିକଟସ୍ଥ ଛଅ ଘରିଆ ସାହି ଓ ସୂତାର ସାହି ଏବଂ ସାହୁ ସାହି ନିକଟ ମୁଖ୍ୟ କେନାଲ ଉପରେ ନିର୍ମିତ ହେବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ରଘୁନାଥ ପରିଡ଼ା, ଯୁବନେତା ଜ୍ୟୋତିରଞ୍ଜନ ପରିଡ଼ା, ମନୋଜ ପରିଡ଼ା, ନାରାୟଣ ଚନ୍ଦ୍ର ସାହୁ, ସରୋଜ ତରାଇ, କାଳନ୍ଦୀ ପଣ୍ଡା, ବାବୁନା ସୂତାର, ପିନାକୀ ଖିଲାର, ଯୋଗେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ସଚେତନତା ଉପରେ ଗୁରୁତ୍ୱାରୋପ

**ଯାଜପୁର ଅଫିସ,୧୧।୩**



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

ଜିଲା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓସୱାନ ସମ୍ମିଳନୀ କକ୍ଷଠାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ରୌଦ୍ରତାପ, ଅଂଶୁଘାତ, ଜଳ ଓ ବିଜୁଳି କଷ୍ଟ ନିବାରଣ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜନଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟଗୁଡ଼ିକରେ ଅଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଆଦି ଲଗାଯିବା, ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକମାନେ ପ୍ରଚଣ୍ଡ ଖରାରେ ଅତି ଆବଶ୍ୟକ ନ ହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦିଆଯାଇଛି। ଜଳଛତ୍ରଗୁଡ଼ିକରେ ରଖାଯାଇଥିବା ପାଣିକୁ ବିଶୁଦ୍ଧ ଭାବେ ରଖିବା, ଜନଗହଳିପୂର୍ଣ୍ଣ ସ୍ଥାନରେ ଟ୍ୟାଙ୍କ ମାଧ୍ୟମରେ ପାନୀୟ ଜଳ ରଖିବାକୁ କୁହାଯାଇଛି।

ଏହି ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ସିଡିଏମ୍‌ଓ ଡା. ବିରଞ୍ଚି ନାରାୟଣ ବାରିକ, ଏଡିଏମ୍‌ଓ ଡା. ସୁଧାଂଶୁ ଶେଖର ବଳ, ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର ସେନାପତି, ଜିଲା ଜରୁରୀ ଅଧିକାରୀ ଉମେଶ ଲେଙ୍କା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲା ଜରୁରୀ ବିଭାଗର ହେଲ୍‌ପ ଲାଇନ ନମ୍ବର ୧୦୭୭ ଓ ୦୬୭୨୮୨୨୨୬୪୮କୁ ଉପଯୋଗ କରିବା ସହ ଅନ୍ୟ ଜରୁରୀ ସେବା ଯୋଗାଉଥିବା ବିଭାଗ ତୁରନ୍ତ ନିୟନ୍ତ୍ରଣ କକ୍ଷ ନମ୍ବର ସାର୍ବଜନୀନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରତ୍ୟେକ ବ୍ୟକ୍ତି ବିଶେଷକରି ନିଜ ଘରର ଛାତ ବା ଖୋଲା ସ୍ଥାନରେ ପକ୍ଷୀ ଓ ପଶୁଙ୍କ ପାଇଁ ଜଳପୂର୍ଣ୍ଣ ପାତ୍ର ରଖିବାକୁ ଅନୁରୋଧ କରାଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ପାନୀୟ ଜଳର ଉତ୍ସଗୁଡ଼ିକୁ ମରାମତି କରିବା ସହ ଯେମିତି ଜଳ ସମସ୍ୟା ନ ରହିବ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ଶିଳ୍ପ ସଂସ୍ଥାଗୁଡ଼ିକ ଏହି ସମୟରେ ବିଭିନ୍ନ ସ୍ଥାନରେ ଜଳ ଯୋଗାଣ ଓ ପାନୀୟ ଜଳ ସେବା କେନ୍ଦ୍ର ଖୋଲିବା ପାଇଁ ଅନୁରୋଧ କରାଯାଇଛି।

**ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକ**

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା

**ଦଶରଥପୁର,୧୧।୩(ଡି.ଏନ.ଏ.)**

**ମଙ୍ଗଳପୁର ଥାନା**
- ସନ୍ଦେହରେ ୫ ଅଟକ
- ପୋଲିସ ତଦନ୍ତ ଜାରି

ଦଶରଥପୁର ବ୍ଲକ୍ ତଥା ମଙ୍ଗଳପୁର ଥାନା ଅଧୀନ ଚଷାଖଣ୍ଡ ପଞ୍ଚାୟତର ଧୀରେନ୍ଦ୍ର ଯେନା(୪୫)ଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା କରାଯାଇଥିବା ତାଙ୍କ ପରିବାର ପକ୍ଷରୁ ଗୁରୁବାର ରାତିରେ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ୍ ୫ ଜଣଙ୍କୁ ଅଟକ ରଖି ପଚରା ଉଚରା ଚଳାଇଛି।

ସୂଚନା ଅନୁସାରେ, ଧୀରେନ୍ଦ୍ର ଚଷାଖଣ୍ଡ ବଚକ ପଡ଼ିଆଠାରେ ଘରକରି ରହୁଥିଲେ। ତେବେ ସେ ଗୁରୁବାର ରାତି ପ୍ରାୟ ୮ଟା୪୦ରେ କୌଣସି କାରଣ ପାଇଁ ଘରଠାରୁ ଅନତିଦୂର ଚାଷ ଜମିକୁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତ ତାଙ୍କୁ ସେଠାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏକଥା ଧୀରେନ୍ଦ୍ର ତାଙ୍କ ମୋବାଇଲ୍‌ରୁ ଘରକୁ ଫୋନକରି ଜଣାଇଥିଲେ। ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ସେଠାରେ ଆକ୍ରମଣକାରୀ ନ ଥିଲେ। ଫଳରେ ପରିବାରଲୋକେ ସେଠାରୁ ଧୀରେନ୍ଦ୍ରଙ୍କୁ ଉଦ୍ଧାରକରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଯାଜପୁର ନିଆଯାଉଥିବା ବାଟରେ ଧୀରେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ପରିବାର ପକ୍ଷରୁ ଥାନାରେ ଦିଆଯାଇଥିବା ଏତାଲାରେ ଦର୍ଶାଯାଇଛି ଯେ, ମାଛ ଧରାକୁ କେନ୍ଦ୍ରକରି ଧୀରେନ୍ଦ୍ରଙ୍କ ସହ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ପୋଲିସ ମୃତଦେହକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହିତ ସାଇଣ୍ଟିଫିକ୍ ଟିମ୍ ଜରିଆରେ ଅଧିକ ତଦନ୍ତ ଜାରି ରଖିଛି।

# ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ



ଉପେନ୍ଦ୍ର ନାଥ ଶାରଦା ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

**ଯାଜପୁର ଅଫିସ,୧୧।୩**

ଯାଜପୁର ଜିଲାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକଙ୍କ ସହଭାଗିତାରେ ବିଭିନ୍ନ ମହାବିଦ୍ୟାଳୟରେ ଏହି ଦିବସ ପାଳନ କରାଯାଇଛି। ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ଏବଂ ଓଡ଼ିଆ ବିଭାଗ ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ କୁଶଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସମାରୋହ ଆୟୋଜନ କରାଯାଇଥିଲା। ସମାରୋହରେ ଓଡ଼ିଆ ବିଭାଗ ଅଧ୍ୟାପିକା ଦୀପ୍ତିମୟୀ ଦାସ, ଇତିହାସ ବିଭାଗ ଅଧ୍ୟାପକ ଅରବିନ୍ଦ ବୋଷ, ଅଧ୍ୟାପକ ରଜତକାନ୍ତ ଦାସ, ଦୁର୍ଗା ଚରଣ ମଙ୍ଗୁଆଳ ପ୍ରମୁଖ ଯୋଗଦେଇ ଶାସ୍ତ୍ରୀୟ ଦିବସ ଉପରେ ଆଲୋକପାତ କରିଥିଲେ। ସେହିପରି ମୁଗୁପାଳସ୍ଥିତ ଉପେନ୍ଦ୍ର ନାଥ ଶାରଦା ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ତରଫରୁ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି। ଅଧ୍ୟାପକ ଡ. ବିଧୁଭୂଷଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁକାନ୍ତ କୁମାର ପାଣି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅର୍ପିତା ବାରିକ, ମୋନାଲିସା ବେହେରା, ଚିନ୍ମୟୀ ରାଉତ, ନମିତା ତରାଇ, ପ୍ରଜ୍ଞାପାରମିତା ମହଲ, ଲିପିମୟୀ ତରାଇ, ରଞ୍ଜିତା ବେହେରା, ଟିକୁନ ସାହୁ, ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ରଥ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସେହିପରି ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଚଣ୍ଡିଖୋଲଠାରେ ମଧ୍ୟ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ସଲୀଳ ରାଜନନ୍ଦନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଗୋରୁ ବୋଝେଇ ଟ୍ରକ୍ ଜବତ, ୪ଗିରଫ

**ଚଣ୍ଡିଖୋଲ,୧୧।୩(ଡି.ଏନ.ଏ.)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳୀପୁରଠାରୁ ଶୁକ୍ରବାର ଏକ ଗୋରୁ ବୋଝେଇ ଟ୍ରକ୍‌କୁ ପୋଲିସ ଜବତ କରିବା ସହ ଏଥିରୁ ୫୬ଟି ଗୋରୁଙ୍କୁ ଉଦ୍ଧାର କରିଛି। ଏଥିସହିତ ବେଆଇନ ଗୋଚାଲାଣ ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଗୁଜିତରଡ଼ା ଗ୍ରାମର ବୁଧିଆ ଶାହା, ସେକ୍ ଶାହାନଜ ଓ ସେକ୍ ଫରିଦ। ଅନ୍ୟ ଜଣେ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳିପୁର ଗ୍ରାମର ଅହିୟାସ ଖାଁ। ଏନେଇ ଥାନାରେ ଏକ ମାମଲା ନଂ.୧୧୧/୨୨ ରୁଜୁ ହୋଇଛି। ଗୋରୁଗୁଡ଼ିକୁ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ମାଣିତିରିଠାରେ ଥିବା ଗୋଶାଳାରେ ଛଡ଼ାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ନଳୀପୁରଠାରେ ନଂ. ଓଆର୍-୦୪-ଏଚ-୭୯୮୯ ବିଶିଷ୍ଟ ଏକ ୧୦ଚକିଆ ଟ୍ରକ୍‌ରେ ଗୋରୁ ବୋଝେଇ ହୋଇ ଭଦ୍ରକ ଚାଲାଣ ହେଉଥିଲା। ଖବର ପାଇ ବାଲିଚନ୍ଦ୍ରପୁର ପୋଲିସ ଗାଡ଼ିଟିକୁ ଅଟକାଇ ଥିଲା। ଚାଳକ କୌଣସି କାଗଜ ପତ୍ର ଦେଖାଇ ନ ପାରିବାରୁ ପୋଲିସ ଗାଡ଼ିକୁ ଜବତ କରିଥିଲା। ଗାଡ଼ିରୁ ୫୬ ଗୋରୁ ଉଦ୍ଧାର କରାଯାଇଥିଲା ବେଳେ ସେଥିରେ ୨ଟିର ମୃତ୍ୟୁ ହୋଇଥିଲା। ନଳିପୁର ଗ୍ରାମର ଅହିୟାସ ଖାଁ ଜଣେ ପୁରୁଣା ଗୋରୁ ବେପାରୀ। ସେ ରାଜ୍ୟ ତଥା ରାଜ୍ୟ ବାହାରକୁ ଗୋ ଚାଲାଣ କରିଥାନ୍ତି ବୋଲି ପୋଲିସ କହିଛି।

## ଅଭିନବ ଉପାୟରେ ଯନ୍ତ୍ରାଂଶ ଲୁଟ୍

**ପାଣିକୋଇଲି,୧୧।୩(ଡି.ଏନ.ଏ.)**

କାଠ ମିସ୍ତ୍ରି ଭାବେ ମାଲିକଙ୍କ ଘରେ ରହି କାମ କଲେ। ବିଶ୍ୱାସ ଜନ୍ମାଇ ପରିବାର ସହ ସମ୍ପର୍କ ସ୍ଥାପନ କଲେ। ଶେଷରେ ଗାଡ଼ିରେ ତେଲ ପକା ବାହାନାରେ ୫୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର ଯନ୍ତ୍ରାଂଶ ନେଇ ଛୁ ମାରିଲେ ସମ୍ପୃକ୍ତ ମିସ୍ତ୍ରି। ଏଭଳି ରୋଚକ ଘଟଣା ଘଟିଛି ପାଣିକୋଇଲି ଥାନା ଅଞ୍ଚଳରେ। ଠକାମିର ଶିକାର ମାଲିକ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପାଣିକୋଇଲି ଥାନା ଓରିନ୍ଦା ଗ୍ରାମର କୁଳମଣି ମହାରଣା ଅନେକ ମିସ୍ତ୍ରିଙ୍କୁ ରଖି କାମ କରନ୍ତି। ୧ ମାସ ତଳେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ବାଲିଗାଁ ଗ୍ରାମର ଚନ୍ଦ୍ରକାନ୍ତ ଓଝା ଓରଫ୍ ମଣ୍ଟୁ ଆସି କୁଳମଣିଙ୍କ ଘରେ ରହି କାମ କରୁଥିଲେ। ଉଭୟ ପରିବାର ମଧ୍ୟରେ ଯାତାୟାତ ବି ଚାଲିଥିଲା। ତେବେ ଶୁକ୍ରବାର ମଣ୍ଟୁ ତାଙ୍କ ସ୍କୁଟିରେ ଯନ୍ତ୍ରାଂଶ ସହ କୁଳମଣିଙ୍କୁ ନେଇ ବାହାରିଥିଲେ। ପାଣିକୋଇଲି ଓଭର ବ୍ରିଜ୍ ତଳେ କୁଳମଣିଙ୍କୁ ଓହ୍ଲାଇ ସ୍କୁଟିରେ ପେଟ୍ରୋଲ ପକାଇବାକୁ ଯାଇଥିଲେ। ହେଲେ ତେଲ ପକାଇବା ବାହାନାରେ ଯନ୍ତ୍ରାଂଶ ନେଇ ଛୁ' ମାରିଥିଲେ। ବହୁସମୟ ଧରି ନ ଆସିବାରୁ କୁଳମଣି ତାଙ୍କ ଘର ସହ ଯୋଗାଯୋଗ କରିଥିଲେ। ମାତ୍ର ସେ ଘରକୁ ଯାଇ ନ ଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

## କାର୍-ବସ୍ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

**ଯାଜପୁର ସଦର,୧୧।୩(ଡି.ଏନ.ଏ.)**

କୁଆଖିଆ-ଯାଜପୁର ଟାଉନ୍ ରାସ୍ତାରେ ଶୁକ୍ରବାର କାର୍-ବସ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ କାର୍ ଡ୍ରାଇଭର ସାନ୍ତନୁ ଦାସଙ୍କ ସମେତ ଯାତ୍ରୀ ଚନ୍ଦ୍ରକାନ୍ତ ଦାସ, ଭାଗିରଥି ସେଠୀ ଓ ବିରଜା ମଲ୍ଲିକ ଆହତ ହୋଇଛନ୍ତି। ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସାନ୍ତନୁ ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଛି।

## ୨ ଅନାଥ ଝିଅଙ୍କୁ ପୋଷ୍ୟକନ୍ୟା କଲେ ପ୍ରଫେସର ଦମ୍ପତି



ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ କରୁଛନ୍ତି।

**ଯାଜପୁର ଟାଉନ,୧୧।୩(ଡି.ଏନ.ଏ.)**

ଯାଜପୁର ଜିଲାରୁ ୨ଜଣ ଅନାଥ ଆଦିବାସୀ ଝିଅଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କଲେ ପ୍ରଫେସର ଦମ୍ପତି। ଜର୍ଟଣି ନାଇଜରରେ ପ୍ରଫେସର ଭାବେ କାର୍ଯ୍ୟରତ ଥିବା ଦମ୍ପତି ଅମରେଶ ଜୟସ୍ୱାଲ ଓ ପଲ୍ଲବୀ ଜୟସ୍ୱାଲ ୨୦୧୨ ମସିହାରେ ବିବାହ କରିଥିଲେ। ୨୦୧୬ ମସିହାରେ ତାଙ୍କର ଜନ୍ମିତ କନ୍ୟା ମଧ୍ୟ ଅଛନ୍ତି। ୨୦୧୯ ମସିହାରେ ଏହି ଦମ୍ପତି ଜଣେ ଆଦିବାସୀ କନ୍ୟାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରିଥିବା ବେଳେ ଶୁକ୍ରବାର ଯାଜପୁର ଶିଶୁ ସୁରକ୍ଷା କାର୍ଯ୍ୟାଳୟରେ ୨ଜଣ ଆଦିବାସୀ କନ୍ୟାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରିଛନ୍ତି। ପୋଷ୍ୟକନ୍ୟା ଗ୍ରହଣ କରିବା ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଉପସ୍ଥିତ ଥିଲେ।

# ପୂରଣ ହୋଇପାରୁନି ଓଡ଼ିଶା କୋଟା

**ଯାଜପୁର ଅଫିସ,୧୧।୩**

- ରାଷ୍ଟ୍ରୀୟ ଇଣ୍ଡିଆନ ମିଲିଟାରି କଲେଜ
- ଜୁନ୍ ୪ରେ ପ୍ରବେଶିକା ପରୀକ୍ଷା

ପ୍ରତିରକ୍ଷା ସେବାରେ ଆଗ୍ରହୀ ଛାତ୍ରୀଛାତ୍ରଙ୍କ ପାଇଁ ରାଷ୍ଟ୍ରୀୟ ଇଣ୍ଡିଆନ ମିଲିଟାରୀ କଲେଜ, ଡେରାଡୁନ୍‌ରେ ଜାନୁୟାରୀ ୨୦୨୩ ଶିକ୍ଷାବର୍ଷ ନିମନ୍ତେ ଯୋଗ୍ୟତା ପରୀକ୍ଷା ଆସନ୍ତା ଜୁନ୍ ୪ ତାରିଖରେ ଅନୁଷ୍ଠିତ ହେବ। ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସ୍ୱତନ୍ତ୍ର ସଚିବ ବିଶ୍ୱରଞ୍ଜନ ସାସମଲ ଏହି ସୂଚନା ଦେଇଛନ୍ତି। ଅଷ୍ଟମ ଶ୍ରେଣୀରେ ପ୍ରବେଶ ପାଇଁ କେବଳ ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଏପ୍ରିଲ ୨୫ ତାରିଖ ସୁଦ୍ଧା ଆବେଦନ କରିପାରିବେ। ଏହି ପ୍ରତିରକ୍ଷା କଲେଜରେ ଓଡ଼ିଶା ରାଜ୍ୟର କୋଟା ପୂରଣ ହୋଇପାରୁ ନ ଥିବାରୁ ଅନ୍ୟ ରାଜ୍ୟର ଛାତ୍ରୀଛାତ୍ର ଏହାର ସୁଯୋଗ ନେଉଛନ୍ତି। ତେଣୁ ଛାତ୍ରୀଛାତ୍ରଙ୍କୁ ଏ ଦିଗରେ ଧ୍ୟାନ ଆକର୍ଷଣ ତଥା ମାର୍ଗଦର୍ଶନ ନିମନ୍ତେ ଜିଲାର ଏନ୍‌ସିସି ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ଅଧିକରୁ ଅଧିକ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷାରେ ଯୋଗ ଦେଇପାରିବେ ବୋଲି ଆଶା କରାଯାଇଛି।

## ୱାର୍ଡ ସଭ୍ୟଙ୍କୁ ଅପହରଣ ନେଇ ଥାନା ଘେରାଉ



ପଞ୍ଚାୟତବାସୀ ଥାନା ଘେରାଉ କରିଛନ୍ତି।

**ଯାଜପୁର ଟାଉନ,୧୧।୩(ଡି.ଏନ.ଏ.)**

ନାଏବ ସରପଞ୍ଚ ନିର୍ବାଚନକୁ କେନ୍ଦ୍ରକରି ଯାଜପୁର ବ୍ଲକ ପଣସା ପଞ୍ଚାୟତର ୧୨ନଂ. ୱାର୍ଡ ସଭ୍ୟ ମନୋଜ ରାଉତଙ୍କୁ ଦୁର୍ବୃତ୍ତ ଶୁକ୍ରବାର ପୂର୍ବାହ୍ନରେ ଅପହରଣ କରିଥିବା ତାଙ୍କ ସ୍ତ୍ରୀ ସସ୍ମିତା ଯାଜପୁର ଥାନାରେ ଅଭିଯୋଗ କରିଥିଲେ। ତେଣୁ ତୁରନ୍ତ ତାଙ୍କ ସ୍ୱାମୀଙ୍କୁ ମୁକୁଳାଇବା ସହିତ ଅପହରଣକାରୀଙ୍କୁ ଗିରଫ କରିବା ଦାବି କରି ସରପଞ୍ଚ କୁଳମଣି ପରିଡ଼ାଙ୍କ ସମେତ ଗ୍ରାମବାସୀ ଦୀର୍ଘସମୟ ଧରି ଥାନା ଘେରାଉ କରିଥିଲେ। ପୋଲିସ୍ ଏନେଇ ଏକ ମାମଲା ନଂ.୭୫/୨୨ ରୁଜୁ କରି ତଦନ୍ତ ଚଳାଇଥିଲା। କିଛି ସମୟ ପରେ ପୋଲିସ୍ ଭଦ୍ରକ ଜିଲା ମଞ୍ଜୁରୀ ଗ୍ରାମରୁ ଅପହୃତ ୱାର୍ଡ ସଭ୍ୟ ରାଉତଙ୍କୁ ଉଦ୍ଧାର କରି ଯାଜପୁର କୋର୍ଟରେ ହାଜର କରିଥିଲା। ପୋଲିସ ଯାଜପୁର ଏସ୍‌ଡିଜେଏମ୍‌ଙ୍କ ସମ୍ମୁଖରେ ତାଙ୍କର ୧୬୪ ଧାରା ମୁତାବକ ବୟାନ ରେକର୍ଡ କରାଇଛି। ବୟାନ ଅନୁସାରେ ରାଉତ ତାଙ୍କ ନିଜ ଇଚ୍ଛାରେ ଯାଇଥିବା କଥା ପ୍ରକାଶ କରିଥିଲେ।

# ଧର୍ମଶାଳାରେ ନାଏବ ସରପଞ୍ଚ ନିର୍ବାଚନ

**ଧର୍ମଶାଳା,୧୧।୩(ଡି.ଏନ.ଏ.)**

ଧର୍ମଶାଳା ବ୍ଲକର ୪୫ଟି ପଞ୍ଚାୟତରେ ନାଏବ ସରପଞ୍ଚ ପଦ ପାଇଁ ଶୁକ୍ରବାର ନିର୍ବାଚନ ଶେଷ ହୋଇଛି। ସେଥିରୁ ୩୦ ପଞ୍ଚାୟତରେ ବିନା ପ୍ରତିଦ୍ୱନ୍ଦ୍ୱିତା ଓ ୧୫ଟି ପଞ୍ଚାୟତରେ ପ୍ରତିଦ୍ୱନ୍ଦ୍ୱିତାରେ ନାଏବ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ମଙ୍ଗଳପୁର ଓ ମହିଶରା ପଞ୍ଚାୟତରେ ନାଏବ ସରପଞ୍ଚ ସମାନ ସଂଖ୍ୟକ ଭୋଟ ପାଇବାରୁ ମଙ୍ଗଳପୁର ନାଏବ ସରପଞ୍ଚ ଆଶାବୁନ ବିବି ଓ ମହିଶରାରେ ସିନା ମଳିକ ଧର୍ମଗୁଳାରେ ବିଜୟୀ ହୋଇଛନ୍ତି। ଅରାବଳ ପଞ୍ଚାୟତରୁ ସହଦେବ ପରିଡ଼ା, କୋତପୁରରୁ ଅହଲ୍ୟା ଧୀର, ଅଞ୍ଜିରାରୁ ବସନ୍ତ ସାହୁ, କ୍ଷେତ୍ରପାଳରୁ ଭାନୁପ୍ରଭା ମଲିକ, ଉତ୍ତରପ୍ରତାପରୁ ବିଦ୍ୟୁଲତା ଦାସ, ଅଣ୍ଟିଆରୁ ସୀମାରାଣୀ ମଲିକ, ଭବାନୀପୁରରୁ ଭାଗ୍ୟଧର ମଲିକ, ଚୋରମୁହାଁରୁ ପ୍ରମିଳା ମହାନ୍ତି, ପାଟପୁରରୁ ହଳଧର ଦାସ, ପରୁଣିଆରୁ ସଞ୍ଜୟ ଗନ୍ତାୟତ, କଦମପାଳରୁ ପ୍ରମିଳା ମହାନ୍ତି, ମିର୍ଜାପୁରରୁ ସ୍ୱର୍ଣ୍ଣପ୍ରଭା ଲେଙ୍କା, ବୃନ୍ଦାଦେଇପୁରରୁ ରୀତାଞ୍ଜଳି ସାହୁ ପ୍ରତିଦ୍ୱନ୍ଦ୍ୱିତାରେ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି।

ବିନା ପ୍ରତିଦ୍ୱନ୍ଦ୍ୱିତାରେ ଗଙ୍ଗାଧରପୁର ପଞ୍ଚାୟତରୁ ଗୁରୁବାରୀ ଘାଗରାଇ, ଜାରକାରୁ ମାନସୀ ବିଶ୍ୱାଳ, କୁମାରୀରୁ ମାନସରଞ୍ଜନ ରଣମଛନ, ଦେଓଦାରୁ ଜୁଲୁକି ଦାସ, ଚହଟାରୁ ସେକ ଆଜାଦ ଅଲ୍ଲି, ବଡ଼କାଏମାରୁ ବିଜୟ ସାହୁ, ସୁନ୍ଦୁରିଆରୁ ମନୀ ସାମଲ, ମଧୁସୁଦନପୁରରୁ ସଂଗ୍ରାମ କେଶରୀ ସ୍ୱାଇଁ, କବାଟବନ୍ଧରୁ ସକୁନ୍ତଳା ରାଉତ, ଜେନାପୁରରୁ ରଣଜିତ ବରାଳ, କମାଗଡ଼ରୁ ସୁଷମା ସ୍ୱାଇଁ, ପୁରୁଣାବଉଳମାଳ ରସ୍ମିତା ସାହୁ, ସମ୍ପାରୁରୁ ଅନିତା ରାଉତ, ତରଞ୍ଜିଆ ପବିତ୍ର ଜେନା, ଆରୁହାରୁ ନାରାୟଣ ଓଝା, ପଖରରୁ ପ୍ରିୟା ପ୍ରିୟଦର୍ଶିନୀ ସେଠୀ, ଥାନୁଆଳରୁ ଭିକାରୀ ମଳିକ, ରାଇଛନ୍ଦାରୁ ରଞ୍ଜିତ ପାଢୀ, ନେଉଳପୁରରୁ ମାନସୀ ଜେନା, ତାଳଜଙ୍ଗରୁ ସଇଯୁକ୍ତା ମଳିକ, ସାହାଣୀଜିହରୁ ଲିଲୁ ମଳିକ, ମଧୁପୁରଗଡ଼ରୁ ପ୍ରଜ୍ଞାସିଂ ଧୀର, ହରିଦାସପୁରରୁ ବିଶ୍ୱଜିତ ନାୟକ ପ୍ରମୁଖ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି କଣ୍ଟିଗଡ଼ିଆରୁ ପଦ୍ମାବତୀ ମହାପାତ୍ର, ଅଭୟପୁରରୁ ପ୍ରହ୍ଲାଦ ବେହେରା, ଏଣ୍ଡଳବାରୁ ଜିତେନ୍ଦ୍ର ବିଶ୍ୱାଳ, ଚକ୍ରଧରପୁରରୁ ବେଙ୍ଗଲତା ରାଉଳ, ମର୍ଜିତାପୁରରୁ ପାର୍ବତୀ ବାରିକ, ଅରେଇକଣାରୁ କମଳା ମହାନ୍ତି, ରେଖିଦେଇପୁରରୁ ଉର୍ମିଳା ରାଉତ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ଧର୍ମଶାଳା ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି।



ନବ ନିର୍ବାଚିତ ନାଏବ ସରପଞ୍ଚମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ମନୋରମା ନାୟକ
(ଶିକ୍ଷୟିତ୍ରୀ)
ରେଙ୍ଗୁଆଁ, ତାଳଚେର
ଆବିର୍ଭାବ: ୧୧।୧୧।୧୯୬୬
ତିରୋଧାନ: ୨୭।୦୨।୨୦୧୫
(ଫାଲ୍‌ଗୁନ ମାସ ଶୁକ୍ଳ ନବମୀ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ସ୍ୱାମୀ: ମୋହନ, ପୁତ୍ର: ମନୋରଞ୍ଜନ, ଝିଅ: ମୋନାଲିସା, ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୩୩୭୬

## ସଂକ୍ଷେପରେ

### ଦଶପଲ୍ଲା ପ୍ରିମିୟର ଲିଗ : ଇଶାନି, ମଲ୍ଟି ଜିମ ବିଜୟୀ



**ଦଶପଲ୍ଲା,୧୧।୩(ଡି.ଏନ୍.ଏ.) :** ଦଶପଲ୍ଲା ପ୍ରୀମିଅର ଲିଗ୍‌ର ଶୁକ୍ରବାର ନବମ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ବୈଶାଳୀ ଓ ଇସାନି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୈଶାଳୀ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୮ ରନ୍ କରିଥିଲା। ଈଶାନୀ ୧୪.୩ ଓଭରରେ ବିଜୟ ଲକ୍ଷ୍ୟ ପୂରଣ କରିଥିଲା। ଦ୍ୱିତୀୟ ମ୍ୟାଚ ମହାବୀର ମଲ୍ଟି ଜିମ୍ ଓ ସିଲେକ୍ସନ୍ ୱାରିଅର୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଲେକ୍ସନ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ହରାଇ ୮୬ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ମହାବୀର ମଲ୍ଟି ଜିମ୍ ୧୨.୪ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିଥିଲା। ଈଶ୍ୱର ଦଳବେହେରା ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଜିତେନ୍ଦ୍ର ସ୍ୱାଇଁ ଓ ପମିନ୍ ସାର୍ ଖେଳ ପରିଚାଳନା କରିଥିଲେ।

### ନାବାଳିକା ବିବାହ ବନ୍ଦ

**ନୟାଗଡ଼ ଅଫିସ,୧୧।୩ :** ନୟାଗଡ଼ ଜିଲା ରଣପୁର ବ୍ଲକର ପଟିଆ ଅଞ୍ଚଳର ଏକ ମନ୍ଦିରରେ ହେବାକୁ ଥିବା ନାବାଳିକା ବିବାହ ବନ୍ଦ କରାଯାଇଛି। ପଟିଆ ଅଞ୍ଚଳର ନାବାଳିକା ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ମାଟିଆପଡା ଗାଁରେ ବିବାହ କରିଥାନ୍ତେ। ମନ୍ଦିରକୁ ବର ଜଗନ୍ନାଥ ପଟ୍ଟନାୟକ (୨୬) ଶୁକ୍ରବାର ଆସିଥିଲେ। କନ୍ୟା ଘର ପକ୍ଷରୁ ସମସ୍ତେ ଉପସ୍ଥିତ ଥିଲେ। ଖବର ପାଇ ଚାଇଲ୍ଡ ଲାଇନ, ଚାନ୍ଦପୁର ଥାନା ପୋଲିସ ପହଞ୍ଚି ବିବାହ ବନ୍ଦ କରାଇଥିଲେ। ନାବାଳିକାଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଜିଲା ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶ ଅନୁସାରେ ନାବଳିକାଙ୍କୁ ସଖିରେ ରଖାଯାଇଛି।

### ଗୋକୁଳାନନ୍ଦ ସ୍ପୋର୍ଟସ କ୍ରିକେଟ : ଝଗଡ଼ପଡ଼ା ବିଜୟୀ

**ଖଣ୍ଡପଡ଼ା, ୧୧।୩ (ସ୍ୱ.ପ୍ର.):** ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳ ପଡ଼ିଆରେ ଟି-୨୦ ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ବିସିସି କ୍ରିକେଟ କ୍ଲବ୍ ଝଗଡ଼ପଡ଼ା ୪୮ ରନ୍‌ରେ କାଠଖୁଣ୍ଟ କ୍ରିକେଟ ଟିମ୍‌କୁ ହରାଇ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଝଗଡପଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ କାଠଖୁଣ୍ଟ ଦଳ ୧୫ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୪୮ ରନ୍ କରିଥିଲା। ଖେଳକୁ ଦୀନେଶ କୁମାର ମହାଳିକ ଓ ବବୁଲ ସାହୁ ପରିଚାଳନା କରିଥିଲେ। ଆସନ୍ତା ମ୍ୟାଚ୍ ୧୩ ତାରିଖରେ ହେବ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି।

# ସାହିତ୍ୟ ସୃଷ୍ଟିକୁ ଗୁରୁତ୍ୱ, ମାତୃଭାଷାକୁ ଅଣଦେଖା

**ନୟାଗଡ଼ ଅଫିସ,୧୧।୩**

ମାତୃଭାଷା ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତା ପାଇବାର ୮ ବର୍ଷ ପରେ ବି ସରକାରୀ ଭାବେ ଏହାର ବ୍ୟବହାର କରାଯାଉନାହିଁ। ପରିବର୍ତ୍ତନ ନାଁରେ ଓଡ଼ିଆ ଭାଷା ଉପେକ୍ଷିତ ଓ ଅବହେଳିତ ହୋଇ ଏହାର ଶବ୍ଦ ହଜି ଚାଲିଛି। ଓଡ଼ିଶାରେ ମାତୃଭାଷାର ପ୍ରୀତି ନ ଥିବାରୁ ଡଷ୍ଟବିନ୍‌ରେ ଫୋପାଡି ଦିଆଯାଇଛି। ଫଳସ୍ୱରୂପ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ ପରେ ସରକାରୀ ଭାଷା ପ୍ରାୟତଃ ୬୮ବର୍ଷ ହେଲା ଶୀତଳଭଣ୍ଡାରରେ ପଡିରହିଛି। ସାହିତ୍ୟ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଉଥିବାବେଳେ ମାତୃଭାଷା ଉପେକ୍ଷିତ ନେଇ ପ୍ରତିବାଦ ନାହିଁ। ଏ ନେଇ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସରେ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।

**ଶାସ୍ତ୍ରୀୟ ମାନ୍ୟତାର ୮ ବର୍ଷ**
- ପ୍ରତିଟି କ୍ଷେତ୍ରରେ ବ୍ୟବହାର ପାଇଁ ପ୍ରଚେଷ୍ଟା ଅଭାବ
- ସରକାରୀ ଭାଷାର ମାନ୍ୟତା ଶୀତଳଭଣ୍ଡାରରେ

“ କେବଳ ସାହିତ୍ୟ ସୃଷ୍ଟିକରି ଦେଲେ ଭାଷା ବଞ୍ଚିପାରିବ ନାହିଁ। ମାତୃଭାଷାକୁ ଭଲ ପାଇବା ସହ ଭାଷା ପ୍ରତି ସ୍ୱାଭିମାନ ରହିବା ଦରକାର। ପୁଣି ଶାସ୍ତ୍ରୀୟ ମାନ୍ୟତା ମିଳିଗଲା ପରେ ଖୁସି ମନାଗଲା। କିନ୍ତୁ ଭାଷାକୁ ବଞ୍ଚାଇବାକୁ ପଦକ୍ଷେପ ନିଆଯାଉନାହିଁ। ଓଡ଼ିଆ ଭାଷାର କିଛି ଶବ୍ଦ ହଜି ସାରିଲାଣି। ଆଉ କିଛି ହଜିବା ଆରମ୍ଭ ହୋଇଛି। ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ନେଇ ପ୍ରତିଟି କ୍ଷେତ୍ରରେ ଓଡ଼ିଆ ଭାଷାକୁ ବ୍ୟବହାର କରିବା ପାଇଁ ଶପଥ ନେବା ଦରକାର। ପ୍ରତିବର୍ଷ ପରି ଔପଚାରିକତା ଢଙ୍ଗରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ହେଲେ କିଛି ସୁଫଳ ମିଳିବ ନାହିଁ।

**-ପ୍ରିୟମ୍ବଦା ତ୍ରିପାଠୀ**
**ଅଧ୍ୟାପିକା, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ**

“ ସଂସ୍କୃତ ଭାଷାର ଅପଭ୍ରଂସ ହୋଇ ଓଡ଼ିଆ ଭାଷାର ସୃଷ୍ଟି। ଆର୍ଯ୍ୟ ଭାଷା ମଧ୍ୟରେ ସଂସ୍କୃତ ପରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି। ତେବେ ସରକାରୀ ଭାଷା ରୂପେ ଏହାକୁ ଗ୍ରହଣ କରିବାରେ ଅସୁବିଧା କ'ଣ ପାଇଁ ରହୁଛି ବୁଝାପଡୁନି। ୧୯୫୪ରେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସମୟରେ ସରକାରୀ ଭାଷା ରୂପେ ଓଡ଼ିଆ ଭାଷା ଗ୍ରହଣ କରାଯାଇଥିଲା। ଏହାପରେ ଏହାକୁ ଲାଗୁ କରିବାକୁ କାହାରି ଆନ୍ତରିକତା ଯେପରି ନାହିଁ।

**-ବିରଞ୍ଚି ନାରାୟଣ ତ୍ରିପାଠୀ**
**ଅବସରପ୍ରାପ୍ତ ଶିକ୍ଷାବିତ୍, ରଣପୁର**

“ ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ, ଯାହାକି ଭାଷା ଭିତ୍ତିକୁ ନେଇ ଗଠନ ହୋଇଛି। ଏହାକୁ ଓଡ଼ିଶାବାସୀ ଭୁଲିଗଲେ। ପୁଣି ସରକାରୀ ଭାଷା ରୂପେ ସ୍ୱୀକୃତି ଦେବାକୁ ସରକାରଙ୍କ ଆନ୍ତରିକତାର ଅଭାବ ପ୍ରକାଶ ପାଉଛି। କେବଳ ଭୁଆଁ ବୁଲାଇବା ପାଇଁ ମଝିରେ ମଝିରେ ଓଡ଼ିଆ ଭାଷା ଜିଇଛି ବୋଲି ବିଜ୍ଞପ୍ତି ପ୍ରକାଶ ପାଉଛି। ସାହିତ୍ୟିକମାନେ ଭାଷାକୁ ବଞ୍ଚାଇବାକୁ ପଦକ୍ଷେପ ନେଉନାହାନ୍ତି। କେବଳ ସାହିତ୍ୟ ରଚନାରେ ସମୟ ଚାଲିଯାଉଛି। ଭାଷା ପ୍ରତି ସମୟ ଦେଇ ଏଥିପାଇଁ ଆନ୍ଦୋଳନ କରିବାର ସମୟ ପହଞ୍ଚିଛି।

**-ଅର୍ଜ୍ଜୁନ ବାରିକ, କବିବାଣୀ ସୌରଭ, ହରିପୁର**

“ ଭାରତର ପଶ୍ଚିମବଙ୍ଗ, ଗୁଜରାଟ, ଆନ୍ଧ୍ର ପରି ରାଜ୍ୟରେ ଆଞ୍ଚଳିକ ଭାଷା କୋର୍ଟ କଚେରିରେ ବ୍ୟବହାର ହେଉଛି। ହେଲେ ଆମ ଜିଲା ନୟାଗଡ଼ ହେଉ କି ରାଜ୍ୟରେ ଦୋକାନର ନାମଫଳକ ଓଡ଼ିଆରେ ଲେଖିବାକୁ କଷ୍ଟ ଲାଗୁଛି। ୨୦୧୪ ମାର୍ଚ୍ଚ ୧୧ରେ ଷଷ୍ଠ ଭାଷା ହିସାବରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ହେଲେ ସରକାର ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ଗ୍ରହଣ କରୁ ନ ଥିବାରୁ ଓଡ଼ିଆ ଭାଷା ପ୍ରତି ବିପଦ ମାଡିଆସିଛି।

**-ମାଧବ ଚନ୍ଦ୍ର ସାମନ୍ତରାୟ, ସାହିତ୍ୟିକ, ଖଣ୍ଡପଡ଼ା**

“ ମାତୃଭାଷା ପ୍ରତି ଆମର ଯେତିକି ଶ୍ରଦ୍ଧା ରହିବା ଦରକାର ରହୁନାହିଁ। ମାତୃଭାଷାକୁ ବଞ୍ଚାଇ ରଖିବାକୁ ସରକାର ମଧ୍ୟ ନିଜ ଦାୟିତ୍ୱ ଭୁଲି ଯାଉଛନ୍ତି। ସାଧାରଣ ଲୋକେ ସରକାରଙ୍କୁ ଏ ଦିଗରେ ମନେ ପକାଉ ନାହାନ୍ତି। ସେହିଭଳି ସାଧାରଣ ଲୋକେ ଭାଷା ବିଷୟରେ କେବେ ପ୍ରତିବାଦ କରୁନାହାନ୍ତି କି ଆନ୍ଦୋଳନ ହେଉନାହିଁ। ମାନସିକତା ନ ବଦଳିଲେ ଓଡ଼ିଆ ଭାଷା ଓଡ଼ିଶାରେ ଅଲୋଡ଼ା ହୋଇ ରହିଥିବ। କେବଳ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କରି ମନ ବୁଝାଇବାକୁ ପଡୁଥିବ।

**-ମନୋଜ ମିଶ୍ର**
**ଅଖଣ୍ଡ ପୁରୀ ଜିଲା ପାଲାଗାୟକ ସଙ୍ଗଠନର ଉପସଭାପତି**

## ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର

**ନୟାଗଡ଼ ଅଫିସ, ୧୧।୩**

ଜିଲାରେ ପୌର ପରିଷଦ ନିର୍ବାଚନ ପାଇଁ ନୟାଗଡ଼ ମ୍ୟୁନିସିପାଲିଟି ପାଇଁ ୪୫ ଜଣ କାଉନସିଲର ଓ ୪ ଜଣ ଅଧ୍ୟକ୍ଷ ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏଥିରୁ ଶୁକ୍ରବାର ୮ ନଂ. ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ନାଗ ଭୂଷଣ ଦାଶ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଗୁରୁବାର ୬ ନଂ. ୱାର୍ଡ ପ୍ରାର୍ଥୀ ସ୍ପନ୍ଦନ ପଟ୍ଟନାୟକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିଲେ। ବୁଧବାର ୧ ନଂ. ୱାର୍ଡର କଂଗ୍ରେସ ପ୍ରାର୍ଥୀ ଝରଣ କଅଁରଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିଲା। ଏଣୁ ୧୬ଟି ୱାର୍ଡର ୪୨ କାଉନସିଲର ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ପ୍ରକାଶଥାଉକି ୮ ନଂ. ୱାର୍ଡରେ ୩ଜଣ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଜଣେ ପ୍ରାର୍ଥୀ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଏଠାରେ ବିଜେଡିର କିଶାନ କୁମାର ଦାସ ଓ ଭାଜପା ପ୍ରାର୍ଥୀ ରଞ୍ଜନ କୁମାର ପଣ୍ଡାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ।

## ନକଲି ଜର୍ଦା ବିକ୍ରି ଅଭିଯୋଗ, ବ୍ୟବସାୟୀ ଅଟକ

**ଓଡଗାଁ,୧୧।୩ (ସ୍ୱ.ପ୍ର.)**

ଓଡ଼ଗାଁ ଆଦର୍ଶ ଥାନା ପୋଲିସ ନକଲି ଜର୍ଦ୍ଦା ବିକ୍ରି ଅଭିଯୋଗରେ କେତେକ ଜର୍ଦ୍ଦା ଡବା ଜବତ କରିଛି। ଜବତ ଜର୍ଦ୍ଦା ଅସଲି କି ନକଲି ତାହା ପୋଲିସ ତଦନ୍ତ କରୁଛି। ଏ ନେଇ ସମ୍ପୃକ୍ତ ଜର୍ଦ୍ଦା କମ୍ପାନୀର ଅଧିକୃତ ଅଧିକାରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ବଜାର ସାହିରେ ଚଢ଼ାଉ କରିଥିଲା। ହେଲେ ପୋଲିସ ଜବତ କରିଥିବା ଜର୍ଦ୍ଦା ସମ୍ପର୍କରେ ସମ୍ପୃକ୍ତ କମ୍ପାନୀର ବିଲ୍ ଓ ଗୁଣବତ୍ତା ନେଇ ଆଲୋଚନା କରୁଛି। ପୋଲିସ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଅଟକ ରଖି ତଦନ୍ତ କରୁଥିବା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ସୂଚନା ଦେଇଛନ୍ତି।

## ମଦ ଜବତ, ଯୁବକ ଗିରଫ

**ଖଣ୍ଡପଡ଼ା, ୧୧।୩ (ସ୍ୱ.ପ୍ର.)**

ଦେଶୀମଦ କାରବାରରେ ଲିପ୍ତ ଅଭିଯୋଗରେ ଖଣ୍ଡପଡ଼ା ପୋଲିସ ସାଦୁଆ ରାଉତ(୨୮)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ମଦ ବେପାରୀ ସାଦୁଆଙ୍କ ଘର ଖଣ୍ଡପଡ଼ା ସହରର ୧ନଂ. ୱାର୍ଡ ଅଧୀନ କରଡ଼ାବଣି ଗାଁରେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଖଣ୍ଡପଡ଼ା ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି।

# ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ, ନାଏବ ସରପଞ୍ଚ ନିର୍ବାଚିତ



ନିର୍ବାଚିତ ନାଏବ ସରପଞ୍ଚମାନେ।

**ଖଣ୍ଡପଡ଼ା, ୧୧।୩ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ୬ନଂ. ଜିଲା ପରିଷଦ ଜୋନ୍‌ର ବିଭିନ୍ନ ପଞ୍ଚାୟତରେ ନବନିର୍ବାଚିତ ସରପଞ୍ଚ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଥିବା ବେଳେ ନାଏବ ସରପଞ୍ଚ ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, କଣ୍ଟିଲୋ, ବଡ଼ବାଣପୁର, ସିଧାମୂଳା, ବେଣାଗାଡିଆ ଓ ବୋଦସା ପଞ୍ଚାୟତର ସରପଞ୍ଚ ଭାବେ ଯଥାକ୍ରମେ ଶ୍ରୀୟାରାଣୀ ବେହେରା, ପ୍ରତିମା ପ୍ରଧାନ, ଗୀତାଞ୍ଜଳି ଜେନା ଓ ପୁଷ୍ପାଞ୍ଜଳି ରାଉତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଶୁକ୍ରବାର ଉପରୋକ୍ତ ପଞ୍ଚାୟତର ନାଏବ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକ୍ରିୟାନୁସାରେ କଣ୍ଟିଲୋ, ବଡ଼ବାଣପୁର, ସିଧାମୂଳା, ବେଣାଗାଡିଆ ଓ ବୋଦସା ପଞ୍ଚାୟତର ନାଏବ ସରପଞ୍ଚ ଭାବେ ଯଥାକ୍ରମେ ପ୍ରଭାତ କୁମାର ସାହୁ, ରାଘବ ପ୍ରଧାନ, ଶତ୍ରୁଘ୍ନ ବାରିକ, ବାସନ୍ତୀ ରାଉତ ଓ ଆନନ୍ଦ ଚନ୍ଦ୍ର ଖୁଣ୍ଟିଆ ନିର୍ବାଚିତ ହୋଇଛନ୍ତି। ସିଧାମୂଳା ପଞ୍ଚାୟତରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ସୁଶାନ୍ତ ମିଶ୍ର, ଶିକ୍ଷାବିତ୍ ଗଙ୍ଗାଧର ଷଡ଼ଙ୍ଗୀ ଯୋଗଦେଇ ନିର୍ବାଚିତ ପ୍ରତିନିଧିମାନେ ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସୁଚାରୁରୂପେ କରିବାକୁ ପରାମର୍ଶ ଦେଇଥିଲେ।

# ଲଙ୍କାପୋଡ଼ି ଯାତ୍ରା ଏପ୍ରିଲ ୧୯ରେ

**ଦଶପଲ୍ଲା,୧୧।୩ (ଡି.ଏନ୍.ଏ.)**



ନୟାଗଡ଼ ଜିଲା ଦଶପଲ୍ଲାର ବିଶ୍ୱ ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ୨୨୦ବର୍ଷ ହେଲା କ୍ରମାଗତ ଭାବେ ଅନୁଷ୍ଠିତ ହୋଇ ଆସୁଥିବାବେଳେ କରୋନା କଟକଣା ପାଇଁ ଗତ ୨ ବର୍ଷ ହେଲା ବନ୍ଦ କରାଯାଇଥିଲା। କରୋନାର ପ୍ରକୋପ କମିବା ସହ ସାଧାରଣ ଜନତାଙ୍କର ଆଧ୍ୟାତ୍ମିକ ଭାବାବେଗକୁ ସମ୍ମାନ ଜଣାଇ ଚଳିତବର୍ଷ ଲଙ୍କାପୋଡି ଯାତ୍ରା ହେବାର ନିଷ୍ପତ୍ତି ନିଆଯାଇଛି। ଶ୍ରୀ ରଘୁନାଥଜୀଉ ଏବଂ ମହାବୀର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପରିଚାଳନା କମିଟିର ଉପସଭାପତି ବୈକୁଣ୍ଠ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଥିପାଇଁ କାର୍ଯ୍ୟାରମ୍ଭ ହୋଇଛି। ନିଷ୍ପତ୍ତି ଅନୁଯାୟୀ, ଏପ୍ରିଲ ୧୦ ତାରିଖ ଶ୍ରୀରାମ ଜନ୍ମଠାରୁ ବିଭିନ୍ନ ପ୍ରସଙ୍ଗ ଉପରେ ନୃତ୍ୟାଭିନୟ କରାଯିବ। ୧୯ ତାରିଖ ମଙ୍ଗଳବାର ରାତିରେ ମୁଖ୍ୟ ପ୍ରସଙ୍ଗ ଲଙ୍କାପୋଡି ଯାତ୍ରା ଏବଂ ୨୦ରେ ଅଭିଷେକ ଉତ୍ସବ କରାଯିବ ବୋଲି ସମ୍ପାଦକ ପରେଶ କୁମାର ସିଂହ, କାର୍ଯ୍ୟକାରୀ ସମ୍ପାଦକ ସୂର୍ଯ୍ୟମଣି ଦାଶ କହିଛନ୍ତି। ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ମୁଖ୍ୟ ଆକର୍ଷଣ ୩୫ ଫୁଟ ଉଚ୍ଚ ଚଳନକ୍ଷମ ରାବଣ, ଘୂର୍ଣ୍ଣୟମାନ ପୁଷ୍ପକ ବିମାନ, କାଠ ମୁଖା, ତୂଣୀରରୁ ବାହାରି ରାବଣକୁ ବଧ କରି ପୁନଶ୍ଚ ତୂଣୀରକୁ ଫେରି ଆସୁଥିବା ବ୍ରହ୍ମାସ୍ତ୍ର ଅନ୍ୟତମ। ଏଥିସହ ୪୦ବଖରା ଛାମୁଣ୍ଡିଆ, ମୀନାବଜାର, ଅପେରା ମଧ୍ୟ ଦେଖିବାକୁ ମିଳିଥାଏ। ରାବଣ ପୋଡି ଯାତ୍ରା ହେବା ନିଷ୍ପତ୍ତି ଯୋଗୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।

## ମେଧାବୃତ୍ତି ପରୀକ୍ଷା ଦେଲେ ୧୬୭ ଛାତ୍ରୀଛାତ୍ର

**ଦଶପଲ୍ଲା ୧୧।୩ ( ଡି.ଏନ୍.ଏ.)**

ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଦ୍ୱାରା ପରିଚାଳିତ ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଶୁକ୍ରବାର ଦଶପଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଷ୍ଟେଜ୍-୧ରେ ଷଷ୍ଠ ଶ୍ରେଣୀ ପାଇଁ ଅନୁଷ୍ଠିତ ପରୀକ୍ଷା ନିମନ୍ତେ ୯୦ ଜଣ ପିଲା ପରୀକ୍ଷା ଦେବାକୁ ଥିବାବେଳେ ୮୩ ଜଣ ପରୀକ୍ଷା ଦେଇଥିଲେ। ୭ ଜଣ ଅନୁପସ୍ଥିତ ଥିଲେ। ଠିକ୍ ସେହିଭଳି ଷ୍ଟେଜ୍-୨ରେ ନବମ ଶ୍ରେଣୀ ପାଇଁ ଅନୁଷ୍ଠିତ ପରୀକ୍ଷା ନିମନ୍ତେ ୯୦ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୮୪ ଜଣ ପରୀକ୍ଷା ଦେଇଥିବା ବେଳେ ୬ ଜଣ ଅନୁପସ୍ଥିତ ଥିଲେ। ମୋଟ ଉପରେ ୧୬୭ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଦେଇଥିଲେ।

# କୋରମ ଅଭାବରୁ ନବଘନପୁରରେ ନିର୍ବାଚନ ବନ୍ଦ

**ନୟାଗଡ଼ ଅଫିସ,୧୧।୩**

ନୟାଗଡ଼ ଜିଲାର ୮ଟି ବ୍ଲକ ଅଞ୍ଚଳରେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନୟାଗଡ ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ୨୮ଟିରେ ନିର୍ବାଚନ ହୋଇଛି। ନବଘନପୁର ପଞ୍ଚାୟତରେ କୋରମ ଅଭାବରୁ ନିର୍ବାଚନ ବାତିଲ ହୋଇଯାଇଛି। ନୟାଗଡ଼ ବ୍ଲକର ବଡପଣ୍ଡୁସର ପଞ୍ଚାୟତରେ ଶୁଭେନ୍ଦୁ କୁମାର ବେହେରା, ବାଲୁଗାଁରେ ପ୍ରମିଳା ଜେନା, ବାଉଁଶିଆପଡାରେ ସରୋଜିନୀ ସ୍ୱାଇଁ, ଭାଟସାହିରେ ବିଜୟ କୁମାର ବେହେରା, ବିରୁଡାରେ ସସ୍ମିତା ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି। ସେହିଭଳି ଚମ୍ପତିପୁର ପଞ୍ଚାୟତରେ ପ୍ରବାସିନୀ ବେହେରା, ଚଣ୍ଡିବସ୍ତରେ ବନିତା ବିଶ୍ୱାଳ, ଗଦାଧରପ୍ରସାଦରେ ଲିଜା ଜେନା, ଗମ୍ଭାରିଡିହିରେ କାହ୍ନୁ ଚରଣ ଡାକୁଆ, ଘଡୁଆଳରେ କାହ୍ନୁ ଚରଣ ବେହେରା, ଇଟିରିରେ ପ୍ରଶାନ୍ତ କୁମାର ନାୟକ, ଇଟାମାଟିରେ ମାନସ କୁମାର ସାହୁ, ଜେମାଦେଇପୁରପାଟଣାରେ ସଞ୍ଜୁଲତା ମୁଦୁଲି, କାଳିକାପ୍ରସାଦରେ ଆନନ୍ଦ ସ୍ୱାଇଁ, କେନ୍ଦୁଡ଼ିପିରେ ମାଳତି ନାହାକ, ଖୁଣ୍ଟୁବନ୍ଧରେ ସନ୍ତୋଷ କୁମାର ନାୟକ, କ୍ରୀଡାଶପୁରରେ ବିନୋଦ ପ୍ରଧାନ, ଲାଠିପଡାରେ ଇଚ୍ଛାବତୀ ପ୍ରଧାନ, ଲକ୍ଷ୍ମୀପ୍ରସାଦରେ ସାବିତ୍ରୀ ବେହେରା, ଲେଙ୍କୁଡିପଡାରେ ଚନ୍ଦ୍ରବତି ପରିଡା ଅନୁରୂପ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷେ ମାଛିପଡା ପଞ୍ଚାୟତରେ ଭୀମସେନ ବାରିକ, ମୁଥାଗାଡିଆରେ ସବିତା ପ୍ରଧାନ, ନଡିଆଳିରେ ଦୟାନିଧି ହାତୀ, ନାଟୁଗାଁରେ ତୁଳସୀ ସ୍ୱାଇଁ, ନୋଉରରେ ରଶ୍ମିତା ରାଉତରାୟ, ଶରଧାପୁରରେ ବସନ୍ତ କୁମାର ସ୍ୱାଇଁ, ଶରଣକୁଳ (ଜହ୍ନିପଦା) ଝୁନା ବରାଡ, ସିନ୍ଦୁରିଆ ପଞ୍ଚାୟତରେ ଆମିନା ବିବି ପ୍ରମୁଖ ନାଏବ ସରପଞ୍ଚ ନିର୍ବାଚିତ ହୋଇଛନ୍ତି।

**ନାଏବ ସରପଞ୍ଚ ନିର୍ବାଚନ**

# ଭାପୁର ବ୍ଲକରେ ୧୨ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ନୟାଗଡ଼ ଅଫିସ,୧୧।୩**

ଭାପୁର ବ୍ଲକରେ ୨୦ ପଞ୍ଚାୟତରୁ ୧୨ଜଣ ନାଏବ ସରପଞ୍ଚ ନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ କରବର ପଞ୍ଚାୟତରେ ସୌଦାମିନୀ ମଲ୍ଲିକ, ଗୋଳାପୋଖରୀରେ ମନୁ ଚରଣ ନାୟକ, ଚକ୍ରଧରପ୍ରସାଦରେ ଅଲ୍ଲୀ ନାଥ, ଧାନଚେଙ୍ଗଡାରେ ବିଜୟ ବେହେରା, ନିମାଣୀରେ ପ୍ରତିମା ଜେନା, ପଦ୍ମାବତୀରେ ପୁଷ୍ପଲତା ବେହେରା, ଫତେଗଡରେ ସୁଶାନ୍ତ କୁମାର ଲେଙ୍କା, ବଡସହରାରେ ପ୍ରତିମା ଦଳବେହେରା, ବାଉଁଶବାଟିରେ ଭାରତୀ ସାହୁ, ଭାଗବାନପୁରରେ ଦିଲୀପ କୁମାର ପ୍ରଧାନ, ରାକମାରେ ନରେନ୍ଦ୍ର ନାୟକ, ଶାସନ ପଞ୍ଚାୟତରେ ପୁଷ୍ପଲତା ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି। ସେହିପରି ୮ ପଞ୍ଚାୟତରେ ନାଏବ ସରପଞ୍ଚ ଲାଗି ନିର୍ବାଚନ ହୋଇଥିଲା। ସେମାନେ ହେଲେ କଇଁଫୁଲିଆ ପଞ୍ଚାୟତରେ ଗୀତାଞ୍ଜଳି ଦାସ, କେନ୍ଦୁପଲ୍ଲୀରେ ନିଆସୀ ବେହେରା, ପଥରଚକଡାରେ ବିକ୍ରମ ହାତୀ, ବାଇଗୁଣିଆରେ କେଦାର ଚନ୍ଦ୍ର ପ୍ରଧାନ, ବାଘୁଆପଲ୍ଲୀରେ ସନ୍ତୋଷ ପରିଡା, ବିଜିପୁରରେ ତ୍ରିନାଥ ମହାପାତ୍ର, ଭାପୁରରେ ଲକ୍ଷ୍ମୀଧର ସାମଲ, ଶାଳପଡାରେ ସୁକାନ୍ତି ପଣ୍ଡା ନିର୍ବାଚିତ ହୋଇଛନ୍ତି।

# ୨ ବାଇକ୍, ୩ ମୋବାଇଲ, ଟଙ୍କା ଜବତ: ୩ ଗିରଫ

**ଖଣ୍ଡପଡ଼ା, ୧୧।୩ (ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ସମେତ ଆଖପାଖ ଗାଁରୁ ରାତିରେ ଘରେ ପଶି ଚୋରି, ଦୋକାନ ଲୁଟ୍‌ପାଟ କରିବା ଘଟଣାରେ ସମ୍ପୃକ୍ତ ଗୋଟିଏ ଗ୍ୟାଙ୍ଗ୍‌ର ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ପୋଲିସ ୩ଟି ମୋବାଇଲ, ୨ଟି ବାଇକ୍ ସମେତ ଏକ ଲୁହାଛଡ଼ ଓ ନଗଦ ୨୧୫୦ ଟଙ୍କା ଜବତ କରିଥିବା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କଠାରୁ ପ୍ରକାଶ। ପୋଲିସ ସୂତ୍ରରୁ ପ୍ରକାଶ, ଫେବୃୟାରୀ ୨୭ ରାତିରେ କଣ୍ଟିଲୋ ମୁଖ୍ୟ ବଜାରରେ ଅବସ୍ଥିତ ପିନାକୀ ପୃଷ୍ଟିଙ୍କ ତେଜରାତି ଦୋକାନର ତାଲା ଭାଙ୍ଗି ଲୁଟେରାମାନେ ଲୁଟ୍‌ପାଟ କରିଥିଲେ। ଖଣ୍ଡପଡ଼ା ଥାନାରେ ପିନାକୀ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଖଣ୍ଡପଡ଼ା ଥାନା ଅଧୀନ ଗଡଡ଼ ବୋଦସା ଗାଁର ସୁଶାନ୍ତ ବସ୍ତି ଓରଫ ଜିତୁ(୨୩), ମର୍ଦ୍ଦରାଜପୁର ଗାଁର ବସନ୍ତ ରାଉତ ଓରଫ ଟିଙ୍କି (୩୮) ଓ ଗିରିଡିପାଟଣା ଗାଁର ସୁରେଶ ନାୟକ ଓରଫ ଚୁଡ଼ା (୩୦)। ସେମାନେ ନିୟମିତ ଚୋରି ଓ ଲୁଟ୍‌ପାଟ କରୁଥିବା ନେଇ ଆଇଆଇସି ରାଉତରାୟଙ୍କଠାରୁ ପ୍ରକାଶ।



ଗିରଫ ୩ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

# ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତା ପାଲଟିଛି ମରଣଯନ୍ତା

**ଖଣ୍ଡପଡ଼ା, ୧୧।୩ (ସ୍ୱ.ପ୍ର.)**

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ରୂପେ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବା ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଉକ୍ତ ରାସ୍ତାର ଖଳିସାହି, ଚାଉପଲ୍ଲୀ ଓ ମର୍ଦ୍ଦରାଜପୁର ଗ୍ରାମ ନିକଟ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଖଣ୍ଡପଡା ପୂର୍ତ୍ତ ବିଭାଗ ଅଧୀନ ଏହି ରାସ୍ତା ପାର୍ଶ୍ୱରେ ଡ୍ରେନ୍ ବ୍ୟବସ୍ଥା ନ ଥିବାରୁ ଆବର୍ଜନା ଜଳ ରାସ୍ତା ଉପରେ ମାଡିବା ସହ ଖାଲଖମାରେ ଜମି ରହୁଛି। ଏଥିଯୋଗୁ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ରାସ୍ତାର ଦୁରବସ୍ଥାକୁ ନେଇ ଅଞ୍ଚଳବାସୀ ପ୍ରମାଦ ଗଣୁଥିବା ବେଳେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ନିଘା ନ ଥିବା ପରି ମନେହେଉଛି। ବର୍ଷତମାମ୍ ଶ୍ରୀନୀଳମାଧବ କ୍ଷେତ୍ର କଣ୍ଟିଲୋକୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ପରିଭ୍ରମଣରେ ଆସୁଛନ୍ତି। ହେଲେ ରାସ୍ତାର ଦୁରବସ୍ଥାକୁ ଦେଖି ସେମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାର ଦୂରତ୍ୱ ୧୩ କିଲୋମିଟର। ଏବେ ଏହି ରାସ୍ତା ଅତିକ୍ରମ କରିବାକୁ ଯାନବାହନଗୁଡିକୁ ପାଖାପାଖି ୧ ଘଣ୍ଟା ସମୟ ଲାଗୁଛି। ଦୈନିକ ଶହ ଶହ ସଂଖ୍ୟାରେ ବାଲି ବୋଝେଇ ହାଇୱାଗୁଡିକ ଏହି ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବାରୁ ରାସ୍ତା ନଷ୍ଟ ହେବାରେ ଲାଗିଛି। ପ୍ରତିବର୍ଷ ଉକ୍ତ ରାସ୍ତାର ମରାମତି ନିମନ୍ତେ ୨୦ରୁ ୩୦ ଲକ୍ଷ ବ୍ୟୟ ହେଉଥିଲେ ହେଁ ଅବସ୍ଥା ସୁଧୁରିବାର ନାଁ ଗନ୍ଧ ଧରୁନାହିଁ। ଉକ୍ତ ରାସ୍ତାର ନବୀକରଣ ସହ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ନିମନ୍ତେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।




ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତାରେ ଖାଲଖମା।